ବର୍ଷ-୨୬, ସଂଖ୍ୟା-୧୪୭
ଭୁବନେଶ୍ୱର
୩୧, ମଇ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 147
Bhubaneswar
31, May, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଗିଲଙ୍କ ରେକର୍ଡ

# ଆକ୍ସନକୁ ଆସିଲେ ମୁଖ୍ୟମନ୍ତ୍ରୀ

## ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ଚାକିରିରୁ ବରଖାସ୍ତ କଲେ





ଭୁବନେଶ୍ୱର,୩୦।୫(ମହାଭାରତ): ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି।

ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା।

ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି।ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି।

## ସମ୍ବଲପୁର ଶୀତଳ ଷଷ୍ଠୀ ପାଇଁ ଦିଆଯିବ ୧ କୋଟି ୮ ଲକ୍ଷ ଟଙ୍କା ଅନୁଦାନ

ଭୁବନେଶ୍ୱର,୩୦।୫(ମହାଭାରତ): ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ୧ କୋଟି ୮ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅନୁଦାନ ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ କରିଛନ୍ତି। ଏଥିସହ ମନ୍ତ୍ରୀ ସୂରଜ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତିବଦ୍ଧ' ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ଘରୋଇ ବସ୍ ମାଲିକ ସଂଘର ଚେତାବନୀ

## ୧୦ ଦିନରେ ବଢାଅ ବସ୍ ଭଡା, ନ ହେଲେ ଧର୍ମଘଟ

ଭୁବନେଶ୍ୱର, ୩୦।୫(ମହାଭାରତ) : ବସ୍ ଭଡା ନବଢିଲେ ରାଜ୍ୟରେ ଘରୋଇ ବସ୍ ଧର୍ମଘଟ ଚେତାବନୀ।ଡିଜେଲ ସହ ବସ୍ ବ୍ୟବସାୟରେ ଆନୁସଙ୍ଗିକ ଜିନିଷର ମୂଲ୍ୟ ବୃଦ୍ଧି ଘଟିଛି। ଏହା ସହ ବୀମା ଓ ଟିକସ୍ ମଧ୍ୟ ବଢିଛି। ଏଭଳି ପରିସ୍ଥିତିରେ ସର୍ବନିମ୍ନ ବସ୍ ଭଡା ବୃଦ୍ଧି ନହେଲେ ଯାତ୍ରା ପରିବହନ ବ୍ୟବସାୟ କରିବା ଅସମ୍ଭବ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ।ଏ ନେଇ ଶନିବାର କଟକରେ ଆୟୋଜିତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ହେବା ସହ ବସ୍ ଭଡା ସଂଶୋଧନ ପାଇଁ ସରକାରଙ୍କୁ ୧୦ଦିନ ମହଲତ ଦିଆଯାଇଛି। ସରକାର ୧୦ଦିନ ଭିତରେ କିଛି ନିଷ୍ପତ୍ତି ନନେଲେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ମାଲିକ ସଂଘ ବାଧ ହେବ ବ ?ଲି କହିଛି। ସରକାର ଦାବି ନଶୁଣିଲେ ଜୁନ୍ ୧୦ପରେ ରାଜ୍ୟରେ ଘରୋଇ ବସ୍ ଚଳାଚଳ ବନ୍ଦ କରିବାକୁ ବସ୍ ମାଲିକ ସଂଘର ନିଷ୍ପତ୍ତି। କଟକରେ ଆୟୋଜିତ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରିଣୀ ବୈଠକରେ ଏହି ଭଳି ନିଷ୍ପତ୍ତି ନିଆଯାଇଛି।ଅଟୋମୋଟିକ ମେକାନିଜିମ ମାଧ୍ୟମରେ ଡିଜେଲ ଦର ବଢିଲେ ବା କମିଲେ ବସ୍ ଭଡା ସଂଶୋଧନ ହେଉଥିଲା। କିନ୍ତୁ ଏବେ ନିୟମିତ ବ୍ୟବଧାନରେ ଡିଜେଲ ଦର ବଢିଚାଲିଥିବା ବେଳେ ସେହି ଅନୁପାତରେ ବସ୍ ଭଡା ବୃଦ୍ଧି କରାଯାଇନଥିବା ବସ୍ ମାଲିକ ସଂଘ କହିଛି। ଏହା ସହ ବସ୍ ଚେସିସ୍,ଟାୟାର,ଲୁବ୍ରିକାଣ୍ଟ ଦର ସହ ବୀମା ଓ ଟିକସ୍ ମଧ୍ୟ ଗତ ୧୦ବର୍ଷ ଭିତରେ ବହୁ ମାତ୍ରାରେ ବଢିଛି। ମାତ୍ର ଗତ ୧୦ବର୍ଷ ହେବ ଅଟୋମେଟିକ ମେକାନିଜିମ ରେ ସେ ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇ ନାହିଁ। ତେଣୁ ଡିଜେଲ ଦର ବୃଦ୍ଧି ସହ ଯାତ୍ରୀ ପରିବହନରେ ଆନୁସଙ୍ଗିକ ଜିନିଷର ଦର ବୃଦ୍ଧିକୁ ନେଇ ବସ୍ ଭଡା ବଢାଇବା ପାଇଁ ବସ୍ ମାଲିକ ସଂଘ ଦାବି କରିଛି। ଏହି ମର୍ମରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।ଯଦି ସରକାର ୧୦ଦିନ ଭିତରେ କୌଣସି ନିଷ୍ପତ୍ତି ନନିଅନ୍ତି, ତେବେ ରାଜ୍ୟରେ ଘରୋଇ ବସ୍ ସେବା ବନ୍ଦ କରିବା ପାଇଁ ସଙ୍ଘ ବାଧ ହେବ



ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି।ସେପଟେ ରାଜ୍ୟ ସରକାର କେବଳ ଯଦି ଡିଜେଲ ଉପରୁ ଭାଟ୍ ବା ଭ୍ୟାଲୁ ଆଡେଡ୍ ଟିକସ ଛାଡ କରିଦିଅନ୍ତି, ତେବେ ବସ୍ ଧର୍ମଘଟ ହେବ ନାହିଁ ବୋଲି କହିଛି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ। ଏବେ ରାଜ୍ୟ ସରକାର ଡିଜେଲ ଉପରେ ୧୨ରୁ ୧୮ ପ୍ରତିଶତ ଭାଟ୍ ନେଉଛନ୍ତି ବୋଲି ସଂଘ କହିଛି।

# ରାଜଧାନୀରେ କାରକୁ ଧକ୍କା ଦେଇ ଘୋଷାଡ଼ି ନେଲା ହାଇୱା

## ଅଳ୍ପକେ ବର୍ତ୍ତିଲେ ଦାଦା ଓ ଝିଅାରୀ

ଭୁବନେଶ୍ୱର୩୦।୫(ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଭୟଙ୍କର ଛାତିଥରା ଦୁର୍ଘଟଣା । କାରକୁ ଧକ୍କା ଦେଇ ପାଞ୍ଚ ଶହ ମିଟର୍ ଯାଏଁ ଠେଲି ନେଲା ହାଇୱା ଗାଡ଼ି । ଅଳ୍ପକେ ବର୍ତ୍ତିଲେ ଦାଦା ଓ ଝିଅାରୀ ।

ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ସତ୍ୟ ବିହାର ଛକ ନିକଟରେ ଏକ ହାଇୱା ଗାଡ଼ି ଏକ କାର (OD 02 BB 0678)କୁ ଶକ୍ତ ଦେଇଥିଲା । ପରବର୍ତ୍ତୀ ସମୟରେ କାରକୁ



୫ଶହ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଫଳରେ କାରଟି ରାସ୍ତାକୁ ଛିଟିକି ଯାଇଥିଲା । ସୌଭାଗ୍ୟବଶତଃ କାର୍ ଥିବା ଦାଦା ଓ ଝିଅାରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ଅନ୍ୟପକ୍ଷେ ହାଇୱା ଗାଡ଼ି ଚାଳକ ଫେରାର ହେଉଥିବାବେଳେ ପିସିଆର୍ ଭ୍ୟାନ୍ ତାକୁ ଦେଖି ପିଛା କରିଥିଲା । ପଳାଶୁଣୀ ନିକଟରେ ମଞ୍ଚ ?ଶ୍ୱର ଥାନା ପୋଲିସ ପିସିଆର୍ ହାଇୱାକୁ ଅଟକାଇବାରେ ସଫଳ ହୋଇଥିଲା । ପୋଲିସ ହାଇୱା ଗାଡ଼ିକୁ ଆଉ ଏକ ଟ୍ରକ୍ ସାହାଯ୍ୟରେ ଅଟକାଯାଇଥିଲା । ଡ୍ରାଇଭର ଜଣକ ହେଲେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ କଣ୍ଟିପଦା ଅଞ୍ଚଳର ଜଗମୋହନ ଭୁକ୍ତ (୪୦) ଡ୍ରାଇଭର ନିଶା ସେବନ କରିନଥିବା ସ୍ପଷ୍ଟ ହୋଇଥିବାବେଳେ ଏହା ଏକ ବେପରୁଆ ଗାଡ଼ି ଚାଳନା ଥିଲା ବୋଲି ପୋଲିସ କହିଛନ୍ତି । ଦୁର୍ଘଟଣା ପରେ ମଧ୍ୟ କାହିଁକି ଗାଡ଼ିରେ ବ୍ରେକ୍ ଲଗାଇ ନ ଥିଲେ ପଚାରିବାରୁ ଟ୍ରକ୍ ଡ୍ରାଇଭର କହିଛନ୍ତି ଭିଡ଼ ହିଂସା ଭୟରେ ଗାଡ଼ି ଅଟକାଇ ନ ଥିଲେ । ଲୋକମାନେ ମାଡ଼ ମାରିବା ଭୟରେ ସେଠାରେ ସେ ପଳାଇ ଆସିଥିବା ସ୍ୱୀକାର କରିଛି । ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଥିବା ଦାଦା ଓ ଝିଅାରୀ ଭୟଭୀତ ହୋଇପଡ଼ିଛନ୍ତି । ଦୁର୍ଘଟଣାର ଭିଡ଼ିଓ ଏବଂ କାରର ଚିତ୍ର ଦେଖିଲେ ତାହା କେତେ ଭୟଙ୍କର ଥିଲା ସ୍ପଷ୍ଟ ଅନୁମାନ କରି ହେଉଛି ।

# ଦିଲ୍ଲୀରୁ ଆଇଏସ୍ଆଇର ୯ ଏଜେଣ୍ଟ ଗିରଫ

ନୂଆଦିଲ୍ଲୀ,୩୦।୫(ମହାଭାରତ): ଦେଶର ରାଜଧାନୀ ଦିଲ୍ଲୀକୁ ଦହଲାଇବା ପାଇଁ ହୋଇଥିବା ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ଦିଲ୍ଲୀ ପୋଲିସ। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସଆଇର ବଡ଼ ନେଟୱର୍କର ପର୍ଦ୍ଦାଫାଶ କରି ପୋଲିସ ୯ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ଏଜେଣ୍ଟଙ୍କୁ ଗିରଫ କରିଛି। ଏହି ଆତଙ୍କବାଦୀମାନେ ଦିଲ୍ଲୀ ଏବଂ ମୁମ୍ବାଇ ଭଳି ମେଟ୍ରୋ ସହରରେ ସିରିଜ୍ ବୋମା ବିସ୍ଫୋରଣ ଓ ଆତ୍ମଘାତୀ ଆକ୍ରମଣ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ବିପୁଳ ପରିମାଣର ମାରାତ୍ମକ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରିଛି।



ପୋଲିସର ସୂଚନା ଅନୁଯାୟୀ, ଗିରଫ ହୋଇଥିବା ଏହି ୯ ଜଣ ଏଜେଣ୍ଟ ଦେଶର ବିଭିନ୍ନ ପ୍ରାନ୍ତରେ ସକ୍ରିୟ ଥିଲେ। ଏମାନଙ୍କ ମଧ୍ୟରୁ କେତେକ ଦିଲ୍ଲୀ, ମୁମ୍ବାଇ ଏବଂ ପଞ୍ଜାବର ହୋଇଥିବା ବେଳେ କିଛି ବିଦେଶୀ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସବୁଠାରୁ ଚାଞ୍ଚଲ୍ୟକର ବିଷୟ ହେଉଛି, ଏହି ଆଇଏସଆଇ ଏଜେଣ୍ଟମାନଙ୍କର ମୁମ୍ବାଇ ଅଣ୍ଡରୱାର୍ଲ୍ଡ ସହ ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି। ଅଣ୍ଡରୱାର୍ଲ୍ଡର ସହାୟତାରେ ଭାରତରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା ଏବଂ ଆତଙ୍କବାଦୀ ପାଣ୍ଠି ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଗିରଫ ହୋଇଥିବା ଆଇଏସଆଇ ଏଜେଣ୍ଟମାନେ ଦେଶର ଅତି ସମ୍ବେଦନଶୀଳ ଏବଂ ସର୍ବାଧିକ ଜନଗହଳିପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିବାକୁ ଯୋଜନା କରିଥିଲେ। ଏହି ହିଟ୍‌ଲିଷ୍ଟରେ ରହିଥିଲା

ପାୱାର ପ୍ଲାଣ୍ଟ ଓ ବିଜୁଳି ଘର। ଦେଶର ଶକ୍ତି ଭିତ୍ତିଭୂମିକୁ ଅଚଳ କରିବା ପାଇଁ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଦେଶରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବା ପାଇଁ ପରମାଣୁ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ନିଶାନା କରାଯାଇଥିଲା। ସାଧାରଣ ଜନତାଙ୍କୁ ଭୟଭୀତ କରିବା ସହ ଅଧିକରୁ ଅଧିକ କ୍ଷୟକ୍ଷତି କରିବା ପାଇଁ ବିମାନବନ୍ଦର ଓ ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ବୋମା ବିସ୍ଫୋରଣର ଯୋଜନା ଥିଲା।ପୋଲିସ ଏହି ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀରୁ କେବଳ ଅତ୍ୟାଧୁନିକ ବନ୍ଧୁକ ନୁହେଁ, ବରଂ ସୀମା ପାର୍ଶ୍ୱରୁ ସ୍ୱତନ୍ତ୍ର ଭାବେ ପଠାଯାଇଥିବା ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ସାମରିକ ବିସ୍ଫୋରକ ଜବତ କରିଛି। ଏହି ସମସ୍ତ ସାମଗ୍ରୀ ପାକିସ୍ତାନରୁ ଗୁପ୍ତ ରାସ୍ତାରେ ଭାରତ ପଠାଯାଇଥିଲା।

# ଝାରସୁଗୁଡ଼ାରେ ଏନକାଉଣ୍ଟର୍

## ଦୁର୍ଦ୍ଦାନ୍ତ ଜୟ ଚୌହ୍ୱାନ ଆହତ

ଝାରସୁଗୁଡା,୩୦।୫(ମହାଭାରତ): ଏଣିକି ଅପରାଧକୁ ଆଉ ବରଦାସ୍ତ କରାଯିବ ନାହିଁ । ଅପରାଧୀଙ୍କୁ ଆଉ ନିସ୍ତାର ନାହିଁ । ଶନିବାର ସକାଳୁ ସକାଳୁ ପୁଣି ଗୋଟେ ବଡ଼ ଏନକାଉଣ୍ଟର୍ କରିଛି ପୋଲିସ । ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଞ୍ଚଳରେ ଭୋର ସମୟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଦୁର୍ଦ୍ଦାନ୍ତ ଅପରାଧୀ ଜୟ ଚୌହାନ ଆହତ ହୋଇଛି । ଡକାୟତି ଯୋଜନାବେଳେ ଏହି ଏନକାଉଣ୍ଟର ହୋଇଛି । ପୋଲିସର ଗୁଳି ଚୌହାନ ର ଡାହାଣ ଗୋଡ଼ରେ ବାଜିଥିବା ବେଳେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେଠାରେ ତାଙ୍କର ଚିକିତ୍ସା ଚାଲିଛି।ମିଳିଥିବା ସୂଚନା ଅନୁଯାୟୀ,



ବ୍ରଜରାଜନଗର ଗାନ୍ଧୀଛକ ଅଞ୍ଚଳର ବାସିନ୍ଦା ଜୟ ଚୌହାନ ତାଙ୍କର ଜଣେ ସହଯୋଗୀଙ୍କ ସହ ମିଶି ରେଙ୍ଗାଲି ଅଞ୍ଚଳରେ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିଲେ । ଏହି ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅପରାଧୀମାନେ ଖସି ପଳାଇବାକୁ ଚେଷ୍ଟା କରିଥିବା ବେଳେ ପୋଲିସ ଉପରେ ଗୁଳି ଚଳାଇବାକୁ ଉଦ୍ୟମ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ମଧ୍ୟ ଜବାବି ଗୁଳି ଚାଳନା କରାଯାଇଥିଲା। ଏହି ସମୟରେ ଜୟ ଚୌହାନଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା, ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲା । ତେବେ ତାଙ୍କର ଅନ୍ୟ ଜଣେ ସହଯୋଗୀ ସେଠାରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ତ୍ରିକୋଣୀୟ ପ୍ରେମରୁ ହତ୍ୟା, ସାଙ୍ଗ ସହିତ ୫ ଜଣ ଅଟକ

ଭୁବନେଶ୍ୱର,୩୦।୫(ମହାଭାରତ): ରାଜଧାନୀ ଛାତି ଉପରେ ଘଟିଥିବା ଭୟଙ୍କର ଥାର୍ ଦୁର୍ଘଟଣା ଏବେ ଭିନ୍ନ ମୋଡ଼ ନେଇଛି । ଏହି ଦୁର୍ଘଟଣାର ଭୟଙ୍କର କାରଣ ପଦାକୁ ଆସିଛି । ଇଞ୍ଜିନିୟରିଂ ଛାତ୍ର ବରେନ୍ ରାଉତରାୟଙ୍କର ମୃତ୍ୟୁ ଏହା ଦୁର୍ଘଟଣା ନୁହେଁ ବରଂ ଏକ ସୁଚିନ୍ତିତ ହତ୍ୟା ଘଟଣା ବୋଲି ପରିବାର ଅଭିଯୋଗ କରିଛି । ଏହା ପରେ ଚନ୍ଦ୍ରଶେଖରପୁର ପୋଲିସ ୫ ଜଣଙ୍କୁ ଅଟକ ରଖିଥିବା ବୋଲି ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ଚନ୍ଦ୍ରଶେଖପୁର ଥାନା ଅଧିନସ୍ଥ ଆଚାର୍ଯ୍ୟ ହରିହର କଲେଜ ନିକଟରେ ଏକ ବାଇକକୁ ଥାର୍ ଗାଡ଼ି ଧକ୍କା ଦେଇଥିଲା । ଫଳରେ ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳର ବାଇକ୍ ଆରୋହୀ ବରେନ୍ ରାଉତରାୟ ଏବଂ ତାଙ୍କର ଦୁଇ ଜଣ ବନ୍ଧୁ ଗୁରୁତର ଆହତ ହୋଇଥିଲେ । ପିସିଆର୍ ଭ୍ୟାନ୍ ଦୁଇ ଜଣଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲା । ଏହା ସହିତ ଚନ୍ଦ୍ରଶେଖରପୁର ପୋଲିସକୁ ଖବର ଦେଇଥିଲା । ମାତ୍ର ଡାକ୍ତର ବରେନ ରାଉତରାୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ପ୍ରାଥମିକ ସ୍ତରରେ ଏହା ଦୁର୍ଘଟଣା ବୋଲି ସମସ୍ତେ ଭାବିଥିଲେ । ମାତ୍ର ପରିବାର ଲୋକଙ୍କ ଅଭିଯୋଗ ପରେ ଦୁର୍ଘଟଣା ନୂଆମୋଡ଼ ନେଇଥିଲା । ଏହା ଦୁର୍ଘଟଣା ନୁହେଁ ବରଂ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ଡିସିପିଙ୍କ ସୂଚନା ଅନୁସାରେ, ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ ଘଟିଛି । ପ୍ରଥମେ ଏକ ଜୁସ୍ ଦୋକାନ ସମ୍ମୁଖରେ ବରେନ ରାଉତରାୟ ଏବଂ ଅନ୍ୟ ଏକ ଗୋଷ୍ଠୀ ସହିତ ଝଗଡ଼ା ହୋଇଥିଲା । ପୂର୍ବରୁ ସେମାନେ କ୍ରିକେଟ୍ ଷ୍ଟମ୍ପ୍ ନେଇକି ଯାଇଥିଲେ । କିନ୍ତୁ ଜନଗହଳି ପୂର୍ଣ୍ଣ ଥିବାରୁ ବରେନଙ୍କ ଉପରେ ଆକ୍ରମଣ ନ କରି ସେମାନେ ଚାଲିଯାଇଥିଲେ । ଏହା ପରେ ରାତି ଅଧରେ ବରେନଙ୍କୁ ପିଛା କରିଥିଲେ । ଏହା ପରେ ବରେନ ବାଇକରେ ହାଉସିଂବୋର୍ଡ ଅଞ୍ଚଳକୁ ନିଜ ଘରକୁ ଆସୁଥିବାବେଳେ ଏକ ଥାର୍ ଗାଡ଼ି ଏବଂ ସ୍କୁଟିରେ ଅଭିଯୁକ୍ତମାନେ ତାଙ୍କ ପିଛା କରିଥିଲେ । ଆଚାର୍ଯ୍ୟ ହରିହର କଲେଜ ନିକଟର ମୌକା ଦେଖି ପିଟି ଦେଇଥିଲେ । ଫଳରେ ବରେନଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ସମସ୍ତ ୫ ଅଭିଯୁକ୍ତଙ୍କୁ ଅଟକ ରଖିଛି । ହତ୍ୟାରେ ବ୍ୟବହୃତ ଥାର୍ ଗାଡ଼ି ଏବଂ ସ୍କୁଟିକୁ ପୋଲିସ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

# ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ପରଖିବେ ମୁଖ୍ୟମନ୍ତ୍ରୀ

## ଜୁନ୍ ୨ରୁ ରିପୋର୍ଟ କାର୍ଡ ସମୀକ୍ଷା, ପ୍ରଥମ ଦିନ ପରୀକ୍ଷା ଦେବେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୫(ମହାଭାରତ): ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତା ଓ ପ୍ରଦର୍ଶନ ପରଖିବେ ମୁଖ୍ୟମନ୍ତ୍ରୀ। ରାଜ୍ୟର ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ରଖିବେ।

ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବ ଓ ପ୍ରଥମଦିନରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ଜୁନ୍ ୯ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡର ସମୀକ୍ଷା କାର୍ଯ୍ୟ ଶେଷ ହେବ। ମୋହନ ମାଝୀଙ୍କ ସରକାର ଜୁନ୍ ୧୨ ତାରିଖରେ ବର୍ଷପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ଆଗରେ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହି ଆଭ୍ୟନ୍ତରୀଣ ରିପୋର୍ଟ କାର୍ଡ ସମୀକ୍ଷା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି।

ଆଜି ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ତାରିଖ ପର୍ଯ୍ୟନ୍ତ ବିଭାଗଗୁଡିକର ପ୍ରଦର୍ଶନର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ। ପ୍ରଥମଦିନ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କର ବିଭାଗଗୁଡିକର ସମୀକ୍ଷା ପାଇଁ ସ୍ଥିରୀକୃତ ହୋଇଛି। ନିଜ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଦୁଇ ବର୍ଷ ଭିତରେ ଆମ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବାବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମି କଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ବରଂ ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ଯାଏଁ ସମସ୍ତ ଦିଗକୁ ବିଭାଗ ସୂଚାରୁ ରୂପେ ତଦାରଖ କରୁଛି।



ଦକ୍ଷତା ବିକାଶ କ୍ଷେତ୍ରରେ ଆମ ଓଡିଆ ପିଲାମାନେ ବିଶ୍ୱସ୍ତରରେ ବଡ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡିକୁ ଅଧିକ ସଶକ୍ତ କରାଯାଇଛି। ଶିକ୍ଷ ବିଭାଗ ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ , ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ପୃଷ୍ଠାର ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୬ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ?ାଂଚାରେ ପ୍ରତିଟି ବିଭାଗର ଗଭୀର ଆକଳନ କରାଯିବ।ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ସଠିକ୍ ପରିସଂଖ୍ୟାନ ସ୍କିମ୍ ?-ୱାରୀ ଉପସ୍ଥାପନ କରିବେ।

ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣ ଗୁଡିକୁ ସେସନ ୱାରୀ ଯାଂଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରେଡ୍‌ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଜନଶୁଣାଣି ପୋର୍ଟାଲ, ପ୍ରତ୍ୟକ୍ଷ ଶୁଣାଣି ଓ ସୋସିଆଲ ମିଡିଆ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡିକ ମଧ୍ୟରୁ କେତେ ପ୍ରତିଶତ ଅଭିଯୋଗର ସମାଧାନ ୭ଦିନ, ୨୧ ଦିନ ଓ ୪୫ଦିନ ଭିତରେ କରାଯାଇଛି ତଥା କେତେ ପେଣ୍ଡିଂ ରହିଛି, ସେ ସମ୍ପର୍କିତ ସମ୍ପୂର୍ଣ୍ଣ ଡାଟା ତାରିଖ ଓ ସ୍ଥାନ ସହ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ରଖିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଶାସନିକ ଦକ୍ଷତା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଆକଳନ ପାଇଁ 'ଓସୱାସ' ପ୍ଲାଟଫର୍ମ ଆଧାରରେ ରୁଟିନ୍ ?, ପ୍ରୋଗ୍ରାମ ଓ ପଲିସିଗତ ଫାଇଲ ଗୁଡିକର ଚୂଡାନ୍ତ ନିଷ୍ପତ୍ତି ନେବାକୁ ମନ୍ତ୍ରୀମାନେ ୭୨ ଘଣ୍ଟା, ୭ ଦିନ କିମ୍ବା ୩୦ ଦିନରୁ ଅଧିକ ସମୟ ନେଉଛନ୍ତି କି ନାହିଁ ତାହାର ବର୍ଷୱାରୀ ହିସାବ ଦେବେ। ଏହାସହିତ ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ଇଭାଲ୍ୟୁଏସନ ବୈଠକର ସଫଳତା , ପ୍ରକଳ୍ପଗୁଡିକର କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ସେମାନେ କରିଥିବା ଜିଲ୍ଲା ଗସ୍ତର ବିବରଣୀ ଓ ସ୍ୱତନ୍ତ୍ର ଦାୟିତ୍ୱ (ଯେପରିକି ବିପର୍ଯ୍ୟୟ ପରିଚାଳନା କିମ୍ବା ଧାନ ସଂଗ୍ରହ ତଦାରଖ)ର ଆଉଟକମ୍ ଉପସ୍ଥାପନ କରିବେ। ତେବେ ସାଧାରଣ ସରକାରୀ କିମ୍ବା ରାଜନୈତିକ କାର୍ଯ୍ୟକ୍ରମର ଗସ୍ତକୁ ଏଥିରେ ସାମିଲ ନକରିବାକୁ କୁହାଯାଇଛି।

ଯୋଜନା ଗୁଡିକର ପ୍ରଚାର ପ୍ରସାର ପାଇଁ ହୋଇଥିବା ଆଇଇସି ଆକ୍ଟିଭିଟି, ପ୍ରିଣ୍ଟ ଓ ଇଲେକ୍‌ଟ୍ରୋନିକ୍ସ ମିଡିଆ ବିଜ୍ଞାପନ , ସରକାରୀ କାର୍ଯ୍ୟରେ ଚିଠିପତ୍ର ଓ ସର୍କୁଲାର କ୍ଷେତ୍ରରେ ଓଡିଆ ଭାଷାର ବ୍ୟବହାର ବୃଦ୍ଧି, ପ୍ରଶାସନରେ ଆକ୍ସନ ଓରିଏଣ୍ଟେଡ୍ ଡିଜିଟାଲ ସଂସ୍କାର, ଆଇଟି ଓ ଏଆଇ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ନୈତିକତା ଓ ସ୍ୱଚ୍ଛ ଶାସନ ପାଇଁ ନିଆଯାଇଥିବା ନୂଆ ପଦକ୍ଷେପର ମଧ୍ୟ ସମୀକ୍ଷା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ(: ଉଗ ଗକ୍ଷଷବଭ ଉଷବକ୍ସବଭ ଗବହକ୍ଷସ)କରିବେ।

## ବ୍ରେଡ ମଲାଇ ରୋଲ

**ଆବଶ୍ୟକୀୟ ସାମଗ୍ରୀ :** ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କି ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ, ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

**ପ୍ରସ୍ତୁତ ପ୍ରଣାଳୀ:** ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କି ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



### ଖବର

# ସିନେମା ହଲରେ ଧମାଲ କରୁଛି ଫିଲ୍ମ ରାଜା ଶିବାଜୀ




ରିତେଶ ଦେଶମୁଖଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ ରାଜା ଶିବାଜୀ ବକ୍ସ ଅଫିସରେ ବର୍ତ୍ତମାନ ଧମାଲ କରୁଛି । ଏହି ଐତିହାସିକ ଆକ୍ସନ ଡ୍ରାମା ଫିଲ୍ମ ଏବେ ପର୍ଯ୍ୟନ୍ତ ସବୁଠାରୁ ଅଧିକ ରୋଜଗାର କରି ମରାଠୀ ଫିଲ୍ମର ରେକର୍ଡ ସୃଷ୍ଟି କରିଛି । ପାଞ୍ଚ ସପ୍ତାହ ଧରି ସିନେମା ହଲରେ ଏଣ୍ଟ୍ରି କରି ବଡ଼ ସଫଳତା ହାସଲ କରିପାରିଛି ।ରିତେଶ ଦେଶମୁଖଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ ରାଜା ଶିବାଜୀର ବଜେଟ୍ ୭୫ କୋଟି ବୋଲି ରିପୋର୍ଟ କରାଯାଇଛି । ରାଜା ଶିବାଜୀ ରିଲିଜ ହେବାର ୨୯ତମ ଦିନରେ ଭାରତରେ ୩.୫ ମିଲିୟନ୍ ରୋଜଗାର କରିଥିବାବେଳେ ୨୮ତମ ଦିନରେ ୪.୫ ମିଲିୟନ୍ ରୋଜଗାର କରିଥିଲା । ରାଜା ଶିବାଜୀ ଏବେ ଦେଉଲ୍ ବନ୍ଦ ୨ ସହିତ କଡ଼ା ଟକ୍କର ଦେଉଛି । ଭାରତରେ ରାଜା ଶିବାଜୀ ରିଲିଜ ହେବାର ୪ ସପ୍ତାହ ମଧ୍ୟରେ ମୋଟ୍ ନେଟ୍ କଲେକ୍ସନ ୧୦୩.୧୫ କୋଟି ଟଙ୍କା ହୋଇଥିବା ଜଣାପଡିଛି । ହେଲେ ଏହାର ଟୋଟାଲ କଲେକ୍ସନ ୧୨୧.୭୧ କୋଟି ଟଙ୍କାରେ ପହଞ୍ଚିଛି । ବକ୍ସ ଅଫିସରେ ସର୍ବାଧିକ କଲେକ୍ସନ କରି ରେକର୍ଡ କରିବା ସହ ସିନେମା ହଲରେ ଧମାଲ କରୁଛି ।ଯଦି ଏହି ଫିଲ୍ମର ଷ୍ଟାର କାଷ୍ଟ ସମ୍ପର୍କରେ କୁହାଯାଏ ତେବେ ରିତେଶ ଦେଶମୁଖ ରାଜା ଶିବାଜୀରେ ଛତ୍ରପତି ଶିବାଜୀ ମହାରାଜଙ୍କ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ତାଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ, ବିଦ୍ୟା ବାଲାନ, ମହେଶ ମାଞ୍ଜରେକର, ଜେନେଲିଆ ଡିସୁଜା ଏବଂ ବୋମାନ ଇରାନୀଙ୍କ ସମେତ ଅନ୍ୟ ଷ୍ଟାରଙ୍କୁ ମଧ ଦେଖିବାକୁ ମିଳିଛି । ଫିଲ୍ମରେ ସଲମାନ ଖାନଙ୍କର ଏକ ସ୍ୱତନ୍ତ୍ର କ୍ୟାମିଓର ଝଲକ ଦେଖିବାକୁ ମିଳିଛି ।

## ଭାଗବତ ପୁରାଣ



ଏହି କଳିଯୁଗରେ ଶ୍ରୀମଭାଗବତ ପୁରାଣ ହିନ୍ଦୁ ସମାଜର ସର୍ବାଧିକ ଆଦରଣୀୟ ପୁରାଣ ଅଟେ । ଏହା ବୈଷ୍ଣବ ସଂପ୍ରଦାୟର ପ୍ରମୁଖ ଗ୍ରନ୍ଥ ଅଟେ । ଏଥିରେ ବେଦ, ଉପନିଷଦ, ତଥା ଦର୍ଶନ ଶାସ୍ତ୍ରର ଗୁଢ ରହସ୍ୟ ଉଲ୍ଲେଖ ରହିଛି । ଏହି ଭାରତୀୟ ଗ୍ରନ୍ଥକୁ ବିଶ୍ୱ ସଂସ୍କୃତିର ବିଶ୍ୱକୋଷ କହିଲେ ଠିକ୍ ହେବ । ଭାଗବତ ପୁରାଣରେ ସକାମ କର୍ମ, ନିଷ୍କାମ କର୍ମ, ଜ୍ଞାନ ସାଧନା, ସିଦ୍ଧି ସାଧନା, ଭକ୍ତି, ଅନୁଗ୍ରହ, ମର୍ଯ୍ୟାଦା, ଦ୍ୱୈତ୍ୟ, ଅଦ୍ୱୈତ୍ୟ, ନିର୍ଗୁଣ-ସଗୁଣ, ତଥା ବ୍ୟକ୍ତ-ଅବ୍ୟକ୍ତ ରହସ୍ୟ ସବୁ ଉପଲବ୍ଧ ରହିଛି । ଶ୍ରୀମଭାଗବତ ପୁରାଣର ରମଣୀୟତା ହିନ୍ଦୁମାନଙ୍କ ମଧ୍ୟରେ ବେଶ୍ ଆକୃଷ୍ଟ ଲାଭ କରିଛି ଏବଂ ଏହା ହିନ୍ଦୁମାନଙ୍କର ଅକ୍ଷୟ ଭଣ୍ଡାର ଅଟେ । ଭାଗବତ ପୁରାଣରେ ୧୨ ସ୍କନ୍ଧ, ଯେଉଁଥିରେ ବିଷ୍ଣୁ ଅବତାର, ନୈମିଷାରଣ୍ୟର ଶୌନକାଦି ଋଷିଙ୍କ ପ୍ରାର୍ଥନା ଏବଂ ଅନ୍ୟାନ୍ୟ ଲୋମହର୍ଷଣ କାରୀ ବିଷୟବସ୍ତୁର ବର୍ଣ୍ଣନା କରାଯାଇଛି । ଏଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ୨୪ ଅବତାର ବିଷୟରେ ବିଷଦ ଭାବେ ବର୍ଣ୍ଣନା କରାଯାଇଛି । ବର୍ଣ୍ଣାଶ୍ରମ ଧର୍ମବ୍ୟବସ୍ଥାକୁ ଏଥିରେ ପୂର୍ଣ୍ଣ ମାନ୍ୟତା ପ୍ରଦାନ କରାଯାଇଛି । ଭାଗବତ ପୁରାଣରେ ଶ୍ରୀକୃଷ୍ଣଙ୍କ ଈଶ୍ୱରୀୟ ଏବଂ ଅଲୌକିକ କଥାମାନ ବାରମ୍ବାର ଉଲ୍ଲେଖ ରହିଛି । ପୁରାଣ କ୍ରମରେ ଭାଗବତ ପୁରାଣ ପଞ୍ଚମ ସ୍ଥାନରେ ରହିଛି । ଲୋକପ୍ରିୟତା ଦୃଷ୍ଟିକୋଣରୁ ଏହା ସବୁଠାରୁ ଅଧିକ ପ୍ରସିଦ୍ଧି ଲାଭ କରିଛି । ୩୩୫ ଅଧ୍ୟାୟ ଓ ୧୮ ହଜାର ଶ୍ଲୋକ ବିଶିଷ୍ଟ ଏହି ପୁରାଣକୁ ମହାପୁରାଣ ମାନ୍ୟତା ମିଳିଛି ।


# ତନ୍ତୁ ଜାତୀୟ ଖାଦ୍ୟର ଉପକାରିତା



ଫାଇବର ବା ତନ୍ତୁ ଜାତୀୟ ଖାଦ୍ୟ ସେବନ ଦ୍ୱାରା ଓଜନ ହ୍ରାସ ସାଙ୍ଗକୁ ହୃଦରୋଗ, ହୃଦଘାତ ଏବଂ ଡ଼ାଇବେଟିସ ଆଦିର ଆଶଙ୍କା କମେ। ୧୮ ରୁ ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନେ ପ୍ରତିଦିନ ଅତିକମ୍‌ରେ ୨୫ ଗ୍ରାମ ତନ୍ତୁ ଜାତୀୟ ଖାଦ୍ୟ ସେବନ କରିବା ଆବଶ୍ୟକ। ସେହିପରି ୫୦ରୁ ଅଧିକ ବୟସ୍କ ମହିଳା ପ୍ରତ୍ୟେହ ୨୧ ଗ୍ରାମ ତନ୍ତୁ ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ।

- ସବୁଜ ଶସ୍ୟ, ବିଟ୍, ଓଟ୍ସ, ବିନ୍ସ, ନଟ୍ସ, ଗାଜର, ଟମାଟୋ, ସେଓ ଆଦିରେ ପ୍ରଚୁର ପରିମାଣରେ ତନ୍ତୁ ସାର ରହିଛି।
- ଫାଇବର ସିରିୟଲ ଏବଂ ଟଟକା ଫଳରୁ ଦିନର ଆରମ୍ଭ କରନ୍ତୁ। ଅର୍ଥାତ୍ ପ୍ରତିଦିନ ସକାଳେ ଏହି ଜାତୀୟ ଖାଦ୍ୟ ଖାଆନ୍ତୁ।
- ହ୍ୱାଇଟବ୍ରେଡ଼, ହ୍ୱାଇଟ ରାଇସ ଏବଂ ପାସ୍ତା ସ୍ଥାନରେ ବ୍ରାଉନ ରାଇସ ଏବଂ ସବୁଜ ଶସ୍ୟ ଜାତୀୟ ଖାଦ୍ୟ ଖାଆନ୍ତୁ।
- ଟୋଷ୍ଟ ଏବଂ ସ୍ୟାଣ୍ଡୱିଚ ପ୍ରସ୍ତୁତି ନିମନ୍ତେ ମଲ୍‌ଟିଗ୍ରେନ ବ୍ରେଡ଼ ବ୍ୟବହାର କରନ୍ତୁ।
- ଅଧିକ ତନ୍ତୁସାରରେ ପରିପୂର୍ଣ୍ଣ ଫଳ ଏବଂ ପରିବାରେ ପ୍ରସ୍ତୁତ ସ୍ନାକ୍ସ ଖାଆନ୍ତୁ।
- ନଟ୍ସ, ରାଜମା, ସିଡ୍ସ, ବିନ୍ସ ଏବଂ ବ୍ଲାକ ବିନ୍ସରେ ପ୍ରସ୍ତୁତ ସାଲାଡ଼ ଖାଆନ୍ତୁ।
- ଅଧିକ ଫାଇବରରେ ଭରପୂର ରାଇସ ଏବଂ ଡ଼ାଲିରେ ପ୍ରସ୍ତୁତ ସୁପ ପିଅନ୍ତୁ।
- ଛତୁଁ ଜାତୀୟ ଖାଦ୍ୟରେ ଅଧିକ ତନ୍ତୁସାର ରହିଥିବାରୁ ପ୍ରତିଦିନ ଖାଦ୍ୟରେ ଏହାକୁ ସାମିଲ କରନ୍ତୁ।

# ତ୍ୱଚା ପାଇଁ ନାଇଟ୍ କ୍ରିମ୍'



ସାଧାରଣତଃ ଝିଅମାନେ ସୁନ୍ଦର ଦେଖାଯିବା ସହ ଏକ ଉଜ୍ଜ୍ୱଳ ତ୍ୱଚା କାମନା କରିଥା'ନ୍ତି। ତ୍ୱଚାର ସୁରକ୍ଷା ପାଇଁ ବିଭିନ୍ନ କସ୍ମେଟିକ୍ ପ୍ରଡକ୍ଟର ବ୍ୟବହାର ମଧ କରନ୍ତି। କିନ୍ତୁ ଏସବୁର ବ୍ୟବହାର ତ୍ୱଚା ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ମଧ ସୃଷ୍ଟି କରିଥାଏ। ତେବେ ଏଥିରୁ ସୁରକ୍ଷା ପାଇଁ ଆପଣ ଆଉ କସ୍ମେଟିକ୍ ପ୍ରଡକ୍ଟ ବଜାରରୁ ନ କିଣି ଘରେ ଫେଶ୍ ମାକ୍ସ ଓ ଫେସ୍ ସ୍କ୍ରବ୍ ପରି ନାଇଟ୍ କ୍ରିମ୍ ମଧ ତିଆରି କରିପାରିବେ। ଆପଣ ଏହାକୁ ଘରେ ପ୍ରସ୍ତୁତ କରି ସପ୍ତାହେ ପର୍ଯ୍ୟନ୍ତ ବ୍ୟବହାର ମଧ କରିପାରିବେ। ରାତି ସମୟରେ ଏହି କ୍ରିମ୍ ଲଗାଇଲେ, ମୁହଁ ପାଇଁ ଏହା ଲାଭଦାୟକ ହାଇଥାଏ। କାରଣ ଶୋଇବା ବେଳେ ଶରୀରକୁ ସମ୍ପୂର୍ଣ୍ଣ ଆରାମ ମିଳିଥାଏ। ଫଳରେ କ୍ରିମ୍ର ପ୍ରଭାବ ଭଲ ପଡ଼ିଥାଏ। ଘରୋଇ ଉପାୟରେ ଏହି କ୍ରିମ୍ ପ୍ରସ୍ତୁତ କରି ଏହାକୁ ଲଗାଇଲେ, ମୁହଁର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ। ନାଇଟକ୍ରିମ ପ୍ରସ୍ତୁତ କରିବା ପାଇଁ ସେଓ ଆବଶ୍ୟକ। ସେଓରେ ଭିଟାମିନ୍ ଏ', ବି' ଓ ସି' ରହିଛି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସେଓକୁ ଦୁଇ ଭାଗ କରି କାଟି ଦିଅନ୍ତୁ। ଏଥିରେ ଅଲିଭ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଗ୍ୟାସରେ ଏକ ପାତ୍ର ବସାଇ ଏହି ମିଶ୍ରଣକୁ ପକାଇ ଅଳ୍ପ ଆଞ୍ଚରେ ୧୫ରୁ ୨୦ ମିନିଟ୍ ଯାଏ ଗୋଳାନ୍ତୁ। କିଛି ସମୟ ପରେ ଏହାକୁ ଏକ ପାତ୍ରକୁ କାଢି ଭଲ ଭାବେ ଥଣ୍ଡା କରି ଦିଅନ୍ତୁ।

ଏହା ଥଣ୍ଡା ହେବା ପରେ ଏଥିରେ ୨ ଚାମଚ ଗୋଲାପ ଜଳ ମିଶାଇ ଗୋଳାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ନ୍ତନାଇଟ୍ କ୍ରିମ୍' । ଏହି କ୍ରିମ ଆପଣ ସପ୍ତାହେ ପର୍ଯ୍ୟନ୍ତ ବ୍ୟବହାର କରିପାରିବେ।

ଫେସ୍‌ୱାଶ୍ ସଚେତନତା

ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି। ଏଥିପାଇଁ ନାନା ଉପାୟ ମଧ କରନ୍ତି। ହେଲେ ତ୍ୱଚାକୁ ସୁସ୍ଥ ରଖିବା ପାଇଁ ତ୍ୱଚାକୁ ସବୁବେଳେ ସଫା ରଖିବା ଦରକାର ଏବଂ ସଠିକ୍ ଉପାୟରେ ମୁହଁ ଧୋଇବା ଜରୁରୀ, ଏକଥା କେହି ଜାଣି ନ ଥା'ନ୍ତି। ଅନେକ ଲୋକ ମୁହଁ ଧୋଇବା ବେଳେ କିଛି ଭୁଲ କରିଥା'ନ୍ତି, ଯେଉଁଥିପାଇଁ ତ୍ୱଚା ଖରାପ ହୋଇପାରେ।

କେବଳ ସେତିକି ନୁହେଁ ସମୟ ପୂର୍ବରୁ ବୟସ୍କ ଦେଖାଯିବାର ଭୟ ମଧ ରହିଛି। ତେବେ ଆସନ୍ତୁ ଜାଣିବା ସେହି ଭୁଲ କ'ଣ ?

ସବୁଠାରୁ ବଡ ଭୁଲ୍ ହେଉଛି ରାତିରେ ଶୋଇବା ପୂର୍ବରୁ ଚେହେରା ନ ଧୋଇବା।

ଦିନ ସାରାର ଧୂଳି ମଳି ଓ ମେକ୍ ଅପ୍ ତ୍ୱଚାରେ ଜମା ହୋଇ ତ୍ୱଚାର ଛିଦ୍ରକୁ ବନ୍ଦ କରିଦେଇଥାଏ। ଫଳରେ ତ୍ୱଚା ଅତ୍ୟଧିକ ଶୁଷ୍କ ହେବା ସହ ଶୀଘ୍ର ଖରାପ ହୋଇଯାଏ। ଏଣୁ ରାତିରେ ଶୋଇବା ଆଗରୁ ମୁହଁ ଧୋଇ ଶୁଅନ୍ତୁ।

କିଛି ଲୋକ ସାବୁନରେ ମୁହଁ ଧୋଇଥାନ୍ତି। ହେଲେ ଏହା ତ୍ୱଚା ପାଇଁ ବିପଦ। ସାବୁନ୍ ଆମ ତ୍ୱଚାକୁ ଶକ୍ତ କରିବା ସହ କୋମଳତା ନଷ୍ଟ କରିଦିଏ। ତେଣୁ ସାବୁନ ବଦଳରେ ଫେସ୍‌ୱାଶ୍ ବ୍ୟବହାର କରନ୍ତୁ।

କିଛି ଲୋକ ଗରମ ପାଣିରେ ମୁହଁ ଧୋଇଥାନ୍ତି, ଯାହା ତ୍ୱଚା ପାଇଁ ଆଦୌ ଠିକ୍ ନୁହେଁ। ଗରମ ପାଣି ତ୍ୱଚାକୁ ଶୁଷ୍କ କରିଦିଏ। ଫଳରେ ତ୍ୱଚା ଶୀଘ୍ର ଖରାପ ହୋଇଯାଏ। ତେଣୁ ସବୁବେଳେ ଥଣ୍ଡା ପାଣିରେ ମୁହଁ ଧୁଅନ୍ତୁ।

ଅନେକ ଲୋକ ମୁହଁ ଧୋଇଲା ବେଳେ ମୁହଁକୁ ତଳ ଆଡ଼କୁ ଘଷି ଧୁଅନ୍ତି। ଏହା ମଧ ଏକ ଭୁଲ୍ କାମ। ଆପଣ ଫେସୱାଶରେ ମୁହଁ ଧୁଅନ୍ତୁ ବା ସ୍କ୍ରବ୍ କରନ୍ତୁ କିମ୍ବା କ୍ରିମ୍ ଲଗାନ୍ତୁ, ମାଲିସ୍ ପାଇଁ ଆଙ୍ଗୁଠିକୁ ସବୁବେଳେ ଉପର ଆଡ଼କୁ କରିବା ଉଚିତ୍। ତଳ ଆଡକୁ କରି ମାଲିସ୍ କଲେ ତ୍ୱଚା ଖୁବ୍ ଶୀଘ୍ର ବୟସ୍କ ବ୍ୟକ୍ତିଙ୍କ ଭଳି ଝୁଲି ପଡ଼ିବ। ଅନେକ ଲୋକ ସଫା ଓ ସୁନ୍ଦର ଦେଖାଯିବାକୁ ପ୍ରତିଦିନ ଫେସ୍‌ୱାସ୍ ଭଳି ସ୍କ୍ରବ ବ୍ୟବହାର କରିଥାନ୍ତି। ହେଲେ ଏହା ତ୍ୱଚା ପାଇଁ ଆଦୌ ଠିକ୍ ନୁହେଁ। ସବୁବେଳେ ସ୍କ୍ରବ କରିବା ଦ୍ୱାରା ତ୍ୱଚା ରୁକ୍ଷ ହାଇଯାଏ ଓ ତ୍ୱଚାର ନମନୀୟତା ନଷ୍ଟ ହୋଇଯାଏ। ଫଳରେ ଚେହେରା ବୟସ ପୂର୍ବରୁ ବୟସ୍କ ପରି ଲାଗେ। ତେଣୁ ସପ୍ତାହରେ ଥରେ ସ୍କ୍ରବ୍ କରନ୍ତୁ। ଅନେକ ଲୋକ ନିଜ ସ୍କିନ୍ ଟାଇପ୍ ନ ଜାଣି ଫେସୱାଶ୍ ବ୍ୟବହାର କରିଥା'ନ୍ତି, ଯାହାକି ପରବର୍ତ୍ତୀ ସମୟରେ ତ୍ୱଚାକୁ ନଷ୍ଟ କରିଦେଇଥାଏ। ତେଣୁ ସବୁବେଳେ ନିଜ ତ୍ୱଚାର ପ୍ରକାର ଜାଣିବା ପରେ ସେହି ହିସାବରେ ଫେସ୍‌ୱାଶ୍ ବ୍ୟବହାର କରନ୍ତୁ।

# ପିଆଜର ଔଷଧୀୟ ଗୁଣ

ପିଆଜକୁ ସାଧାରଣତଃ ମସଲା ଭାବରେ ବ୍ୟବହାର କରାଯାଉଥିଲେ ସୁଦ୍ଧା ଏଥିରେ ବିଭିନ୍ନ ରୋଗ ଉପସମର ଔଷଧୀୟ ଗୁଣ ରହିଛି। ବିଶେଷକରି କଞ୍ଚା ପିଆଜ ଅଧିକ ଉପକାରୀ। ପିଆଜରେ



କ୍ୟାଲୋରୀ ଶକ୍ତି କମ୍। ଏହା ପାକସ୍ଥଳୀରେ ଇନସୁଲିନର ମାତ୍ରା ବଢ଼ାଇ ରକ୍ତରେ ଶର୍କରା ପରିମାଣ ହ୍ରାସ କରିଥାଏ। ତେଣୁ ମଧୁମେହ ରୋଗୀଙ୍କ ପାଇଁ ଏହା ଖୁବ୍ ଉପକାରୀ। ନିୟମିତ ପିଆଜ ଖାଇବା ଉଚିତ।

ଫୋଟକା କିମ୍ବା ପୋଡ଼ି ଯାଇଥିବା ତ୍ୱଚାରେ ପିଆଜ ରସ ଲଗାଇଲେ ଉପକାର ମିଳେ।

କେଶ ମୂଳରେ ପିଆଜ ରସ ଲଗାଇଲେ ବାଳ ଝଡ଼ିବା ବନ୍ଦ ହୁଏ।

ନିୟମିତ ପିଆଜ ଖାଇଲେ କ୍ୟାନସର ଭଳି ମାରାତ୍ମକ ରୋଗର ଆଶଙ୍କା ହ୍ରାସ ପାଏ।

ବିଭିନ୍ନ ପ୍ରକାର ପରିବା ସାଲାଡ଼ରେ ପିଆଜ ଖାଇଲେ ଉପକାର ମିଳିଥାଏ।

ଭଜା କିମ୍ବା ତରକାରୀ ପିଆଜ ପକାଇଲା ବେଳେ ଏହାକୁ ଅଧିକ ଭାଜିବା ଅନୁଚିତ। କାରଣ ବେଶୀ ଭାଜି ହୋଇଗଲେ ଏହାର ପୌଷ୍ଟିକ ଶକ୍ତି ହ୍ରାସପାଏ।

ଟିପ୍ସ: ଦିନକୁ ଅତି କମ୍‌ରେ ୨୫ ଗ୍ରାମ ପିଆଜ ଖାଆନ୍ତୁ।

ପିଆଜ କାଟି ସାରିବା ପରେ ଧୋଇବା ଅନୁଚିତ। ଏପରି କଲେ ପିଆଜର ପୌଷ୍ଟିକ ଶକ୍ତି କମିଯାଏ।

ପିଆଜରେ ସଲଫର ରହିଥିବାରୁ ଆଖି ପୋଡ଼େ। ତେବେ ପିଆଜ କାଟିବାବେଳେ ପନିକି ଅଗରେ ଓଦା କପଡ଼ା ଗୋଡ଼ାଇ ଦେଲେ ଆଖି ପୋଡ଼ିବ ନାହିଁ।

# ପ୍ଲାନେଟାରିୟମରେ ଶିକ୍ଷାଭିତିକ ପରିଭ୍ରମଣର ଶୁଭାରମ୍ଭ

**ଭୁବନେଶ୍ୱର,୩୦।୫ (ମହାଭାରତ):** ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ର ମାନଙ୍କ ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ନିଶ୍ଚିତ ଭାବେ ଏକ ସୁଯୋଗ । ଏହି ସୁଯୋଗକୁ ସଫଳ ରୂପାୟନ ପାଇଁ ଆଜି ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସତୀଶ ଧାୱନ ମହାକେଶ କେନ୍ଦ୍ରକୁ ଶିକ୍ଷାଭିତିକ ଗସ୍ତ କରିଛନ୍ତି । 'ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ' (ୟାଟ୍ସ)ର ୩୦ଜଣ କୃତୀ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏହି ଗସ୍ତ ମେ ୨୬ ତାରିଖରୁ ମେ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗିତାରେ ଆୟୋଜିତ ୧୯ତମ ସଂସ୍କରଣରେ ସାରା ରାଜ୍ୟର ୭୬,୭୦୦ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ଇସ୍ରୋ ଗସ୍ତ ପାଇଁ ମନୋନୀତ କରାଯାଇଥିଲା।




ଏହି ଶିକ୍ଷାଭିତିକ ଗସ୍ତର ଶୁଭାରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ପ୍ରଥମ ଥର ପାଇଁ ୟାଟ୍ସ ବିଜେତାମାନେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଇସ୍ରୋ ପ୍ରତିଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହି ଶିକ୍ଷାଭିତିକ ପରିଭ୍ରମଣରେ ସେମାନେ ମହାକାଶ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇବେ। ଏହି ଯୁବ ଜ୍ୟୋତିର୍ବିଜ୍ଞାନୀମାନେ ଆଗାମୀ ଦିନରେ ପ୍ରସିଦ୍ଧ ବୈଜ୍ଞାନିକ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆନିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧକ୍ଷା ଶ୍ରୀମତୀ ଚିତ୍ରା ଅରୁମୁଗମ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟର ପରିଭ୍ରମଣରେ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହାକାଶ ଅନୁସନ୍ଧାନକାରୀଙ୍କ ମଧ୍ୟରେ ସାମିଲ ହେବା ପାଇଁ କଠିନ ପରିଶ୍ରମ ଓ ବୁଦ୍ଧିମତାର ସହ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତରେ ପିଲାମାନେ ଟେଲିମେଟ୍ରି ଦେଖିବା ଏବଂ ରକେଟ୍ ଉତ୍କ୍ଷେପଣ ତାହା ଦେଖିବାର ସୁଯୋଗ ପାଇବେ। ଏହା ନିଶ୍ଚିତ ଭାବରେ ଆପଣ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି, ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକ ଶ୍ରୀମତୀ ଉର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ, ଶିକ୍ଷକ ଏବଂ ଟାଟା ଷ୍ଟିଲ୍ ଓ ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧିକାରୀମାନଙ୍କ ସହ ଏସ୍‌ଡିଏସ୍‌ସି-ଏସ୍‌ଏଚ୍‌ଏଆରର ବିଭିନ୍ନ ବିଭାଗ ପରିଦର୍ଶନ କରିବେ ଏବଂ ଭାରତର ମହାକାଶ ମିଶନ, ଲଂଚ୍ ଭେହିକିଲ ସିଷ୍ଟମ୍, ସାଟେଲାଇଟ୍ ଟେକ୍ନୋଲୋଜୀ ଏବଂ ଟ୍ରାକିଂ କାର୍ଯ୍ୟକଳାପ ବିଷୟରେ ଅଧିକ ଜାଣିପାରିବେ। 'ଆଜିର ନକ୍ଷତ୍ରଦର୍ଶୀ ଆସନ୍ତାକାଲିର ମହାକାଶଚାରୀ' ବିଷୟବସ୍ତୁ ଉପରେ ଆଧାରିତ ୟାଟ୍ସର ୨୦୨୫-୨୬ ସଂସ୍କରଣର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଳ୍ପନାଶକ୍ତିର ବିକାଶ କରିବା।

# ଆଇଏଏସ ପ୍ରଶିକ୍ଷାର୍ଥୀଙ୍କ ଏସଏସଇପିଡି ବିଭାଗ ପରିଦର୍ଶନ

**ଭୁବନେଶ୍ୱର,୩୦।୫ (ମହାଭାରତ):** ଓଡ଼ିଶା କ୍ୟାଡରର ଏକ ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ଦଳ ଆଜି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ବିଭାଗ ପରିଦର୍ଶନ କରିଛନ୍ତି। ସେମାନଙ୍କ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଏକ ଅଂଶସ୍ୱରୂପ, ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ସାମାଜିକ କଲ୍ୟାଣ, ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ତୃଣମୂଳ ସ୍ତରରେ ସେବା ପ୍ରଦାନ ପ୍ରକ୍ରିୟା ସହ ପରିଚିତ କରାଇବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ବିଭାଗର ବିଭିନ୍ନ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଓ ସାଂସ୍ଥାନିକ ଭିତିଭୂମି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଏଥିରେ ମଧୁବାବୁ ପେନସନ ଯୋଜନା , ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଶାସନ ସଚିବ ସମାଜର ପଛୁଆ ଏବଂ ଅବହେଳିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଶେଷ କରି କିନ୍ନର (ଟ୍ରାନ୍ସଜେଣ୍ଡର) ମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ତଥା ସମାନତା ପାଇଁ ଉଦ୍ଦିଷ୍ଟ 'ସ୍ୱୀକୃତି' ଯୋଜନା ସମେତ ବରିଷ୍ଠ ନାଗରିକ, ଭିକ୍ଷୁକ ଏବଂ ନିରାଶ୍ରୟମାନଙ୍କ ପାଇଁ ଥିବା ପୁନର୍ବାସ କାର୍ଯ୍ୟକ୍ରମ ବିଷୟରେ ସେ ବୁଝାଇଥିଲେ। ଏହା ସହିତ ବୟସ୍କ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ଏବଂ ଏହାର ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଉପଖଣ୍ଡ ସ୍ତରରେ ଏହିସବୁ ଯୋଜନାର ସଫଳ ରୂପାୟନ ଓ ତଦାରଖ କ୍ଷେତ୍ରରେ ଉପ-ଜିଲ୍ଲାପାଳ ମାନଙ୍କର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ବାବଦରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ତୃଣମୂଳ ସ୍ତରର ବ୍ୟବସ୍ଥାକୁ ବୁଝିବା ପାଇଁ ଅଫିସରମାନଙ୍କୁ ସମନ୍ୱିତ ଭିତିଭୂମି ସମ୍ପ୍ରସାରଣ କେନ୍ଦ୍ର , ରାଜ୍ୟ ବିଶେଷ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନ ଏବଂ ଉନ୍ନତ ପୁନର୍ବାସ କେନ୍ଦ୍ର ର କାର୍ଯ୍ୟପଦ୍ଧତି ବିଷୟରେ ଜଣାଇ ଦିଆଯାଇଥିଲା।

# ଅର୍ବାନ ମୋବିଲିଟି ଉପରେ ଅଡିଟ୍ କରିବେ ସିଏଜି

**ଭୁବନେଶ୍ୱର,୩୦।୫ (ମହାଭାରତ):** ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ତାଙ୍କର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅନ୍ତର୍ଗତ ଦେଶର ୧୦୧ଟି ସହରରେ ସହରୀ ଗତିଶୀଳତା (ଅର୍ବାନ ମୋବିଲିଟି) ଉପରେ ଏକ 'ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍' (ସିଟିଜେନ୍-ସେଂଟ୍ରିକ୍ କମ୍ପ୍ଲାଏନ୍ସ ଅଡିଟ୍) କରିବାକୁ ନିଷ୍ପତି ନେଇଛନ୍ତି। ଏହି ପ୍ରସ୍ତାବିତ ଅଡିଟ୍ ପ୍ରକ୍ରିୟା ପାଇଁ ଓଡ଼ିଶାରୁ ଭୁବନେଶ୍ୱର ଏବଂ କଟକ ସହରକୁ ଚୟନ କରାଯାଇଛି।

ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସହରୀ ଗତିଶୀଳତା ଉପରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ପ୍ରଧାନ ମହାଲେଖାକାର (ଅଡିଟ୍-୧) ସୁବୁ ଆର୍, ଉପ-ମହାଲେଖାକାର ବାଲକ୍ରିଷ୍ଣା ଏବଂ ଅଡିଟ୍ ଦଳର ସଦସ୍ୟମାନେ ଯୋଗ ଦେଇଥିଲେ। ସମ୍ମିଳନୀ ଅବସରରେ ଅଡିଟ୍ ଦଳ ପକ୍ଷରୁ ପ୍ରସ୍ତାବିତ ଅଡିଟ୍ ର ମାପଦଣ୍ଡ, ଆଇନଗତ ଓ ନୀତିଗତ ଆଭିମୁଖ୍ୟ, ସହରୀ ପରିବହନ ବ୍ୟବସ୍ଥା, ପ୍ରମୁଖ ସେବା କ୍ଷେତ୍ର, କାର୍ଯ୍ୟପନ୍ଥା ଏବଂ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଂଟେସନ) କରାଯାଇଥିଲା। ଏଥିସହ ସୁରୁଖୁରୁରେ ଅଡିଟ୍ କାର୍ଯ୍ୟ ଶେଷ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ମନୋନୀତ କରିବାକୁ ଏବଂ ସମ୍ପୃକ୍ତ ସମସ୍ତ ବିଭାଗ ଓ ସଂସ୍ଥାଗୁଡ଼ିକର ସହଯୋଗ ଲୋଡ଼ିଛି ମହାଲେଖାକାରଙ୍କ କାର୍ଯ୍ୟାଳୟ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଅଡିଟ୍ ର ସଫଳ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଏବଂ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି। ସହରୀ ଗତିଶୀଳତା ବ୍ୟବସ୍ଥାକୁ ଅଧିକ ସ୍ପଷ୍ଟ ଭାବେ ବୁଝିବା, ଗଠନମୂଳକ ଆଲୋଚନା ଏବଂ ବ୍ୟବହାରିକ ପରାମର୍ଶ ପାଇଁ ନିଜ ନିଜର ସମସ୍ୟା, ଆହ୍ୱାନ ଓ କାର୍ଯ୍ୟକ୍ଷେତ୍ରରେ ରହୁଥିବା ଅସୁବିଧାଗୁଡ଼ିକୁ ଅଡିଟ୍ ଟିମ୍ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ବିଭାଗୀୟ ଅଧିକାରୀ ଓ ସହଭାଗୀ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଂଚଳ ରାଣା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ , କୁଟ୍ , କଟକ ମହାନଗର ନିଗମ , କଟକ ଉନ୍ନୟନ କର୍ତ୍ତୃପକ୍ଷ , ସ୍ମାର୍ଟ ସିଟି ଲିମିଟେଡ୍, ବାଣିଜ୍ୟ ଓ ପରିବହନ ବିଭାଗ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ , ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗୃହ ବିଭାଗ ଏବଂ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ଧଉଳି ପୁନର୍ବିକାଶ, ଇଭି ସୁବିଧାର ସମୀକ୍ଷା

**ଭୁବନେଶ୍ୱର,୩୦।୫ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ଆଲୋଚନା ହୋଇଥିଲା।

ଶ୍ରୀମତୀ ପରିଡ଼ା ଧଉଳି ଆଖପାଖରେ ହେବାକୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଧଉଳି ମାଷ୍ଟର ପ୍ଲାନର ଏକ ଅଂଶ ସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ବୈଦ୍ୟୁତିକ ଯାନ (ଇଭି)ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ।



ମନ୍ତ୍ରୀ ବିବିଏସଆର (ଭୁବନେଶ୍ୱର)-ପୁରୀ କରିଡର ମଧ୍ୟରେ ଥିବା । କପିଳେଶ୍ୱର ଏବଂ ସୁଖମେଶ୍ୱର ମନ୍ଦିର ସହିତ ଦାସିଆ ବାଉରୀ ପୀଠ ଏବଂ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରୀ ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ହୋମଷ୍ଟେ , ଆଡଭେଂଚର ପର୍ଯ୍ୟଟନ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତା ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିମଳ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ଓଡ଼ିଶାକୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସାଂସ୍କୃତିକ ଭିତିକ ସମୃଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢ଼ିତୋଳିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ମନ୍ତ୍ରୀ ପର୍ଯ୍ୟଟନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ନୀତି ଓ ଯୋଜନାର ସମୀକ୍ଷା କରିଥିଲେ ଏବଂ ପର୍ଯ୍ୟଟନ ଭିତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ।

ପର୍ଯ୍ୟଟନ ବିଭାଗ ଦ୍ୱାରା ସଠିକ୍ ସମୟରେ ପୁଞ୍ଜିନିବେଶ ସବସିଡି ପ୍ରଦାନ ଏବଂ ହସ୍ପିଟାଲିଟି ପ୍ରକଳ୍ପଗୁଡ଼ିକର ଠିକ୍ ସମୟରେ ମଞ୍ଜୁରୀ ପାଇଁ କରାଯାଇଥିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

# ବର୍ଷା ଦିନ ପୂର୍ବରୁ ସରିବ ଭୁବନେଶ୍ୱରର ଡ୍ରେନ ସଫେଇ

**ଭୁବନେଶ୍ୱର,୩୦।୫ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, କମିଶନର ଶ୍ରୀ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ଶ୍ରୀମତୀ ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଶ୍ରୀ ଦୀପକ ରଂଜନ ବେହେରା, ଜୋନାଲ କମିଶନର ଅଶନୀ ଏ.ଏଲ୍. ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧକ୍ଷା, ଅଧକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍ ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।



ବୈଠକ ଆରମ୍ଭରୁ କମିଶନର ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଜନସାଧାରଣ, ବୁଲା ପଶୁ ପକ୍ଷୀଙ୍କ ସହ ପରିବେଶର ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବଗତ କରାଇଥିଲେ । ଗ୍ରୀଷ୍ମ ପ୍ରବାହରୁ ପଥଚାରୀଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ବରୁ କେବଳ ଏଜି ଛକରେ ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା । ଏବେ ରୁପାଲୀ ଛକ ଓ ପାୱାର ହଉସ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଉଥିବା ଅବଗତ କରାଇଥିଲେ । ସେହିପରି ବିଭିନ୍ନ ଅଂଚଳରୁ ଆସୁଥିବା ଲୋକେ କିମ୍ବା ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କୁ ପ୍ରବଳ ଖରାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ସେଥିରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି । ଆଗାମୀ ଦିନରେ ଆଉ ଦୁଇଟି ଶୀତଳ ବିଶ୍ରାମସ୍ଥଳ ଖୋଲା ଯିବ । କେବଳ ସେତିକି ନୁହେଁ, ସହର ଭିତରେ ଥିବା ୧୦ ଗୋଟି ପ୍ରମୁଖ ସ୍ଥାନରେ ଶୀତଳ ବସ୍ ଷ୍ଟପ୍ ସ୍ଥାପନ କରାଯିବ । ସେହିପରି ପ୍ରତ୍ୟେକ ୱାର୍ଡରେ ହେବ ମଲ୍ଟିପରପୋଜ୍ ରେଷ୍ଟ ସେଡ୍ ନିର୍ମାଣ କରିବା ପାଇଁ ମଧ୍ୟ ଯୋଜନା ରହିଥିବା କୁହାଯାଇଛି । ଏହି ସବୁସ୍ଥାନରେ ବେଞ୍ଚରେରରେ ଶୀତଳ ଛାୟା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ପ୍ରାକୃତିକ ଉପାୟରେ ଲୋକମାନଙ୍କୁ ଥଣ୍ଡା ପବନ ଯୋଗାଇବା ସହ ପରିବେଶ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ ବୋଲି କୁହାଯାଇଛି । ଲୋକମାନଙ୍କୁ ଖରାଦିନେ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ସହରରେ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନରେ ୪୦ ଗୋଟି ସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇଛି । ସେହିପରି ବୁଲା ଗାଈଗୋରୁ, କୁକୁର, ବିରାଡି, ମାଙ୍କଡ ଆଦି ପଶୁ ଓ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି ବୋଲି କମିଶନ ଗୃହକୁ ଅବଗତ କରାଇଥିଲେ । ଚଢେଇମାନଙ୍କ ପାଇଁ ବିଭିନ୍ନ ଗଛ ଓ ସେମାନଙ୍କର ସମାଗମ ସ୍ଥାନରେ ଜଳ ଓ ବସା ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ସ୍ମାର୍ଟ ସିଟିର ସ୍ମାର୍ଟ ଜନପଥରେ ସ୍ମାର୍ଟ ବେଞ୍ଚ ମଧ୍ୟ ନିର୍ମାଣ କରାଯାଇଛି । ବୁଦ୍ଧ ବିହାର, ସୁବୁଦ୍ଧିପୁର, ନିଳାଦ୍ରୀ ବିହାର ଆଦି ହାଉସିଂ ପ୍ରକଳ୍ପ, ବିଭିନ୍ନ କମ୍ୟୁନିଟ୍ ସେଣ୍ଟର, ୱାର୍ଡ ଅଫିସ ସର୍ବସାଧାରଣ ଆଶ୍ରୟସ୍ଥଳ ଆଦିରେ ରୁଫ ଟପ୍ ହ୍ୱାଇଟନର ପ୍ରଲେପ ଦେଇ ସେହି ପକ୍କା ଘରଗୁଡିକୁ ଥଣ୍ଡା ରଖିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଉଛି ।

# ନବୀନଙ୍କୁ ଭେଟିଲେ ବିଜେଡି ଲିଗାଲ ଫ୍ରଣ୍ଟ

**ଭୁବନେଶ୍ୱର,୩୦।୫ (ମହାଭାରତ):** ବିଜେଡି ଲିଗାଲ ଫ୍ରଣ୍ଟର ସଭ୍ୟମାନେ ଆଜି ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ହେଇଥିଲେ । ସେହିପରି ସାଧାରଣ ଲୋକ ଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ ଫ୍ରଂଟ ର ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହିତ ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ । ଏହା ସହିତ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ଶ୍ରୀ ମିଲନ କାନୁନଗୋ, ଶ୍ରୀ ମନୋଜ ବର୍ମା, ଶ୍ରୀ ସିଦ୍ଧାର୍ଥ ଦାସ ଓ ଶ୍ରୀ ସୁରେଶ ବାରିକଙ୍କ ସହିତ ଅନ୍ୟମାନେ ଯୋଗେ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ ।

# ବେଆଇନ ଆଇପିଏଲ୍ ବେଟିଂ : ୧୮ ଗିରଫ

**ଭୁବନେଶ୍ୱର,୩୦।୫ (ମହାଭାରତ):** ଚଳିତ ଆଇପିଏଲ-୨୦୨୬ ମହାସମର ମଧ୍ୟରେ ରାଜ୍ୟରେ ବେଆଇନ ଆଇପିଏଲ୍ ବେଟିଂ କାରବାର ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରି ପୋଲିସ ବେଟିଂ ରାକେଟ୍ ର ପର୍ଦ୍ଦାଫାଶ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ମୋବାଇଲ୍ ଏବଂ ଗାଡ଼ି ଜବତ କରିଛି । ପୋଲିସର ସୂଚନା ଅନୁଯାୟୀ, ସାରା ରାଜ୍ୟରେ ଆଇପିଏଲ ବେଟିଂ ସଂକ୍ରାନ୍ତରେ ମୋଟ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

ଏହି ଅଭିଯାନରେ ପୋଲିସ ବିପୁଳ ପରିମାଣର ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି । ସାରା ରାଜ୍ୟରୁ ମୋଟ ୩୬ ଲକ୍ଷ ୮୫ ହଜାର ୨୦୦ ଟଙ୍କାର ନଗଦ ରାଶି ଜବତ କରାଯାଇଥିବା ବେଳେ ବେଟିଂ କାରବାରରେ ବ୍ୟବହୃତ ବିଭିନ୍ନ ବ୍ୟାଙ୍କ ଆକାଉଂଟରୁ ୩୯ ଲକ୍ଷ ୪୨ ହଜାର ୬୧୧ ଟଙ୍କା ଫ୍ରିଜ୍ କରାଯାଇଛି । ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ୨ଟି କାର୍ ଏବଂ ୧୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ଦେଖିଲେ, ବେଟିଂ କାରବାର ବିରୋଧରେ ପୁରୀ ପୋଲିସକୁ ସବୁଠାରୁ ବଡ଼ ସଫଳତା ମିଳିଛି । ପୁରୀ ଜିଲ୍ଲାରେ ୧ଟି ମାମଲା ରୁଜୁ କରାଯାଇ ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ସର୍ବାଧିକ ୨୫ ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି ଏବଂ ବ୍ୟାଙ୍କ ଆକାଉଂଟରେ ଥିବା ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କାକୁ ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ୍ ଜବତ କରାଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟ ପୋଲିସ ଏକ ବଡ଼ ଚଢ଼ାଉ କରି ଗୋଟିଏ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୬ ଲକ୍ଷ ଟଙ୍କାର ନଗଦ ଅର୍ଥ, ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କାର ବ୍ୟାଙ୍କ ବାଲାନ୍ସ ଏବଂ ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାରୁ ମଧ୍ୟ ପୋଲିସ ଏକ ବଡ଼ ର୍‍ୟାକେଟ୍ ଚିହ୍ନଟ କରି ସର୍ବାଧିକ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ନଗଦ ଓ ବେଟିଂରେ ବ୍ୟବହୃତ ୨ଟି କାର୍ ଜବତ କରିଛି ।

# ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ ବନ୍ୟା ନିୟନ୍ତ୍ରଣ କକ୍ଷ

**ଭୁବନେଶ୍ୱର,୩୦।୫ (ମହାଭାରତ):** ଆଗାମୀ ମୌସୁମୀ ଋତୁ ତଥା ବନ୍ୟା ସମୟରେ ପ୍ରଭାବଶାଳୀ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ପ୍ରାକ୍-ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସହିତ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବିଭୁତି ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଛି।

ବୈଠକରେ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆସନ୍ତା ଜୁନ୍ ୧ ତାରିଖରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସର୍କଲ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ତରରେ ବନ୍ୟା ନିୟନ୍ତ୍ରଣ କକ୍ଷଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ। ସେଚ ସଦନସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ବନ୍ୟା ପ୍ରକୋଷ୍ଠ ଏବଂ ରାଜୀବ ଭବନସ୍ଥିତ ରାଜ୍ୟ ହାଇଡ୍ରୋଲୋଜିକାଲ୍ ଡାଟା ସେଂଟର ରେ ଥିବା ଜଳସମ୍ପଦ ବିଭାଗର ବନ୍ୟା ପ୍ରକୋଷ୍ଠ ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ (୨୪ଘଣ୍ଟା) କାର୍ଯ୍ୟ କରିବ। ଚଳିତ ବର୍ଷ ମଧ୍ୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଫ୍ଲଡ୍ ସେଲ୍ ଅଧୀନରେ ଥିବା 'ଏସଆଇ ଟିମ୍' ଦୈନିକ ଦୁଇଥର ନିୟମିତ ଭାବେ



ବନ୍ୟା ବୁଲେଟିନ୍ ପ୍ରକାଶ କରିବେ।ପଡ଼ୋଶୀ ସହ-ଅବବାହିକା ରାଜ୍ୟ ଗୁଡ଼ିକ ସହ ଜଳ ପ୍ରବାହ ସମ୍ପର୍କିତ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ବନ୍ୟାଜନିତ କ୍ଷୟକ୍ଷତିକୁ ରୋକିବା ସହ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବିଭିନ୍ନ ସବ୍-ୱିଙ୍ଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଚଳିତ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ନଦୀବନ୍ଧଗୁଡ଼ିକର ସ୍ଥିତି ଏବଂ ଗତ ବର୍ଷ ବନ୍ୟା ସମୟରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ଅସମ୍ପୂର୍ଣ୍ଣ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ କ୍ଷେତ୍ରାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ନଦୀ ପଠାରେ ଥିବା ସ୍ଲୁଇସ୍ ଗେଟ୍ ଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ ସହରାଂଚଳ ଓ ଗ୍ରାମାଂଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଛି। ବନ୍ୟା ଜଳ ନିଷ୍କାସନର ପ୍ରଭାବଶାଳୀ ପରିଚାଳନା ଓ ପ୍ରଶମନ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଜଳ ପ୍ରବାହକୁ ବାଧାପ୍ରାପ୍ତ କରୁଥିବା ସମସ୍ତ ପ୍ରକାର ଜଳବନ୍ଦୀ ସମସ୍ୟାର ସମାଧାନ ତଥା ନଦୀପଥ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟାର ସଫଳ ମୁକାବିଲା ପାଇଁ ଆବଶ୍ୟକୀୟ ବନ୍ୟା ପ୍ରତିରୋଧକ ସାମଗ୍ରୀ ଯଥା ବାଲିବସ୍ତା, ବାଉଁଶ ଏବଂ ଜାଲି ଆଦିର ଆବଶ୍ୟକତା ଓ ମହଜୁଦ ସ୍ଥିତି ସମ୍ପର୍କରେ ପ୍ରମୁଖ ସଚିବ ଯାଂଚ କରିଥିଲେ।







## ସୁସ୍ଥ ଗଣତନ୍ତ୍ରର ପରିଚୟ

ନିକଟରେ ଅନୁଷ୍ଠିତ ୫ ବିଧାନସଭା ନିର୍ବାଚନରେ ୩ଟି ରାଜ୍ୟରେ ପରିବର୍ତ୍ତନ ସପକ୍ଷରେ ଜନମତ ଆସିଲା। ତାମିଲନାଡୁରେ ଶାସନ କ୍ଷମତାରେ ଥିବା ଡିଏମକେ ନିର୍ବାଚନରେ ପରାଜିତ ହେଲା। କେରଳରେ ବିଗତ ୧୦ ବର୍ଷ ହେବ କ୍ଷମତାରେ ଥିବା ସିପିଏମ ନେତୃତ୍ୱାଧିନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ଏଲଡିଏଫ ରାଜିତ ହେଲା। କଂଗ୍ରେସ ନେତୃତ୍ୱାଧିନ ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ୟୁଡିଏଫ ଶାସନ କ୍ଷମତାକୁ ଫେରିଲା। ଉଭୟ ରାଜ୍ୟରେ ନିର୍ବାଚନ ଫଳାଫଳକୁ ଉଭୟ ବିଜୟୀ ଏବଂ ପରାଜିତ ଦଳ ସ୍ୱୀକାର କଲେ। କିନ୍ତୁ ପଶ୍ଚିମବଙ୍ଗରେ ଜନମତ ମମତା ବାନାର୍ଜୀଙ୍କ ଟିଏମସି ବିପକ୍ଷରେ ଯିବାରୁ ବିରୋଧୀ ହଙ୍ଗାମା କରୁଛନ୍ତି। ନିର୍ବାଚନରେ ମୁଁ ହାରିନି, ମୋତେ ହରାଇ ଦିଆଯାଇଛି ବୋଲି ମମତା କହିଲେ। ଏହା ଜନମତ ଏବଂ ଗଣତନ୍ତ୍ର ପ୍ରତି ଅପମାନ। ନିର୍ବାଚନରେ ପରାଜୟକୁ ମମତା ହଜମ କରିପାରୁନାହାଁନ୍ତି। ଇଭିଏମ, ଏସଆଇଆର, କେନ୍ଦ୍ରୀୟ ଫୋର୍ସ ଏବଂ ସିଇସିଙ୍କ ଯୋଗୁ ଟିଏମସି ଅତିକମରେ ୧୦୦ ଆସନ ହରାଇଲା ବୋଲି ସେ ଅଭିଯୋଗ କରିବା ସହିତ ନିର୍ବାଚନରେ ପରାଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଏଥିରୁ ଗଣତନ୍ତ୍ର ପ୍ରତି ତାଙ୍କର କେତେ ସମ୍ମାନ ରହିଛି ତାହା ସହଜରେ ଅନୁମାନ କରାଯାଇପାରେ। ମମତାଙ୍କ ଏହି ଅଗଣତାନ୍ତ୍ରିକ ଏବଂ ମିଛ ଅଭିଯୋଗକୁ ରାହୁଲ ଗାନ୍ଧି ସମର୍ଥନ କରିବା ବିସ୍ମୟଜନକ ନହେଲେ ମଧ୍ୟ ଦୁର୍ଭାଗ୍ୟଜନକ। ବିଜେପି ବିରୋଧରେ ଭୋଟ ଚୋରୀ ଅଭିଯୋଗ କରି ଆସୁଥିବା ରାହୁଲ ଗାନ୍ଧି କକତାଙ୍କ ଭିତ୍ତିହୀନ ଅଭିଯୋଗକୁ ସମର୍ଥନ କରିବା ଏକ ସ୍ୱାଭାବିକ ଘଟଣା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳତାରେ ଅସହିଷ୍ଣୁ ରାହୁଲ ଗାନ୍ଧି ଆଜି ବୁଜି ତାଙ୍କ ସମର୍ଥନ କରିବେ ଯିଏ ମୋଦିଙ୍କୁ ବିରୋଧ କରିବ। ମୋଦିଙ୍କୁ ନିନ୍ଦା ତାଙ୍କ ପାଇଁ ଦେଶର ସମ୍ମାନଠାରୁ ବଡ଼। ପଶ୍ଚିମବଙ୍ଗରେ ଏଥର ଜନମତ ମମତାଙ୍କ ବିରୋଧରେ ଥିଲା। ବିଧାନସଭା ନିର୍ବାଚନରେ ମମତାଙ୍କ ବିରୋଧରେ ପ୍ରଚଣ୍ଡ ହାୱା ବହୁଥିଲା। ମମତା ବାନାର୍ଜୀଙ୍କ ଦଳ ଟିଏମସି ୮୦ଟି ଆସନ ଜିତିପାରିଲା ତାହା ବଡ଼ କଥା। ତାଙ୍କ ବିରୋଧରେ ଜନ ଅସନ୍ତୋଷ ଏତେ ପ୍ରବଳ ଥିଲା ବୋଲି ନିର୍ବାଚନରେ ୯୨ ପ୍ରତିଶତ ଭୋଟ ହୋଇଥିଲା। କେନ୍ଦ୍ରୀୟ ଫୋର୍ସର ଉପସ୍ଥିତି ଯୋଗୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ହୋଇପାରିଲା। ରାଜ୍ୟ କଂଗ୍ରେସ ସଭାପତି ଅଧିର ରଞ୍ଜନ ଚୌଧୁରୀ ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ ମମତା ଏହାକୁ ହଜମ କରିନପାରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଯେଉଁ ମହିଳା ଦେଶର ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ସମ୍ମାନ ଦେଇ ଜାଣିନାହାଁନ୍ତି ଏବଂ ଯିଏ ଅହଙ୍କାରର ବଶବର୍ତ୍ତୀ ହୋଇ ନିର୍ବାଚନରେ ପରାଜୟକୁ ଗ୍ରହଣ କରିପାରୁନାହାଁନ୍ତି ତାଙ୍କଠାରୁ ଅଧିକ କିଛି ଆଶା କରାଯାଇପାରେନା। ପଶ୍ଚିମବଙ୍ଗ ଭଳି କେରଳ ଓ ତାମିଲନାଡୁରେ ମଧ୍ୟ ଇଭିଏମ ମାଧ୍ୟମରେ ଭୋଟ ହୋଇଛି, ସେଠାରେ ମଧ୍ୟ ଏସଆଇଆର ହୋଇଛି। କିନ୍ତୁ ସେଠାରେ କେହି ନିର୍ବାଚନରେ ଜନାଦେଶ ନେଇ ପ୍ରଶ୍ନ କରି ନାହାଁନ୍ତି। କିନ୍ତୁ ପଶ୍ଚିମବଙ୍ଗରେ ମମତା ଏବଂ ରାହୁଲ ଏଭଳି ଅଭିଯୋଗ କରିବାର କାରଣ ହେଲା ବିଜେପିର ବିଜୟ। ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟକୁ ବରଦାସ୍ତ କରିନପାରି ମମତା ଅନ୍ଧ ଭଳି ଅଭିଯୋଗ କରୁଛନ୍ତି। କେରଳରେ ପିନରାଇ ବିଜୟନ ଜଣେ ସୁଶାସକ ଥିଲେ। କିନ୍ତୁ ଲୋକେ ପରିବର୍ତ୍ତନ ଚାହିଁଲେ। ତେଣୁ ଏଲଡିଏଫ ନିର୍ବାଚନରେ ହାରିଲା, କଂଗ୍ରେସ ଜିତିଲା। ନିର୍ବାଚନ ପରେ ରାଜ୍ୟରେ ଭି ଡି ସତିଶନଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେଲା। ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବକୁ ବିଦାୟୀ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ଯାଇଥିଲେ। ଏହା ଏକ ସୁନ୍ଦର ଏବଂ ସ୍ୱାଗତଯୋଗ୍ୟ ପରମ୍ପରା। ଏହା ସୁସ୍ଥ ଗଣତନ୍ତ୍ରର ପ୍ରତୀକ।

## ସାଧୁ - ସର୍ବ ଭୂତ ହିତେ ରତଃ

॥ ହେମନ୍ତ କୁମାର ପରିଡ଼ା ॥

“ ;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା’। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। ‘ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।’ ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି ‘ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।’ ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ୍ୟ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ୍ୟ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି ‘କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।’

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା’। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜ୍ୱଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।’ ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ୍ୟ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ୍ୟ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ – ‘ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।’ ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। ‘ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଲମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।’

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


## ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

॥ ଗୋପାଳ ମହାପାତ୍ର ॥

ଏବେ ଶୀତରତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ରତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ରତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ରତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ରତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ରତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


## ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

॥ ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ – ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ – ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ‘ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା – “ ”ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ’’।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଧର୍ମାନ୍ତରିକରଣକୁ ନେଇ ମୁଣ୍ଡ ଟେକିଲା ବିବାଦ



କପ୍ତିପଦା, (ମହାଭାରତ) : ଧର୍ମାନ୍ତରିକରଣ କୁ ନେଇ ମୁଣ୍ଡ ଟେକିଲା ବିବାଦ। ଧର୍ମ ପରିବର୍ତ୍ତନ ବିରୋଧରେ ଏକଜୁଟ ହେଲେ କପ୍ତିପଦା ଉପଖଣ୍ଡ ଚାରି ଗୋଟି ବ୍ଲକ ର ଆଦି ସମ୍ପ୍ରଦାୟ ମୁଖିଆ। ଧର୍ମ ପରିବର୍ତ୍ତନ ଉପରେ ତୁରନ୍ତ ରୋକ ଲାଗିବା ସହିତ ଏଭଳି କାମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଯାହାକୁ ନେଇ ଆଜି ଉପଜିଲ୍ଲାପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯାଇଛି। ଶତାଧିକ ଆଦିବାସୀ ସମ୍ପ୍ରଦାୟ ବ୍ୟକ୍ତି ବିଶେଷ ଙ୍କ ସହିତ ଗ୍ରାମ ମୁଖିଆ ଉପଜିଲ୍ଲାପାଳ ଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହା ଉପରେ ତୁରନ୍ତ ରୋକ ଲାଗିବା ଦରକାର। ଧର୍ମ ପରିବର୍ତ୍ତନ କରାଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଫାଟ ସୃଷ୍ଟି କରାଯିବା ସହିତ କନ୍ଦଳ ସୃଷ୍ଟି କରାଯାଉଥିବା କହିଛନ୍ତି ଗ୍ରାମ ମୁଖିଆ। କେବଳ ସେତିକି ନୁହେଁ ଆଦିବାସୀଙ୍କ ପରମ୍ପରା ଭାଙ୍ଗିବା ପାଇଁ ଏକ ଷଡଯନ୍ତ୍ର କରାଯାଉଥିବା କହିଛନ୍ତି ମାଝୀ ବାବା। ଏହା ଉପରେ ରୋକ ନ ଲାଗିଲେ ଆଗାମୀ ଦିନରେ ସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି ଆଦିବାସୀ ବ୍ୟକ୍ତି ବିଶେଷ।

## ରାସ୍ତା ସମସ୍ୟା ନେଇ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଆଲୋଚନା

ଦଶପଲ୍ଲା/ଗଣିଆ, (ମହାଭାରତ): ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରମୁଖ ରାସ୍ତାର ଉନ୍ନତିକରଣ ଓ ନୂତନ ସଡ଼କ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଯାଇଛି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଜେପି ନେତା ରାଘବ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସଡ଼କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଚର୍ଚ୍ଚା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଆଲୋଚନାର ନିର୍ଯାସ ଅନୁଯାୟୀ, ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନିମ୍ନଲିଖିତ ରାସ୍ତାଗୁଡ଼ିକର ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଛି । ଗଣିଆ-କୁତୁରି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଆସନ୍ତା ଏକ ମାସ ଭିତରେ ମରାମତି କରାଯିବ ଏବଂ ଖୁବ୍ ଶୀଘ୍ର ଏଠାରେ ଏକ ନୂଆ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ବଦଳା-ଚକାପାଦୁ ରାସ୍ତାକୁ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଦଶପଲ୍ଲା ନଗର ମଧ୍ୟରୁ ସତପାଟଣା ଓ ଖଣ୍ଡପଡ଼ା ଭାୟା ହୋଇ ଏକ ନୂତନ ପିଡବ୍ଲୁଡି ରାସ୍ତା ନିର୍ମାଣ ହେବ। ଏଥିପାଇଁ ଆବଶ୍ୟକୀୟ ସମସ୍ତ ସମନ୍ୱୟ କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର କାମ ଆରମ୍ଭ କରାଯିବ। ନୂଆଗାଁଠାରୁ କୁଟୀବାରୀ ହୋଇ କନ୍ଧମାଳ ଜିଲ୍ଲା ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ। ଆଗାମୀ ଦିନରେ କିଭଳି ପୂର୍ତ୍ତ ବିଭାଗର ଏହି ସମସ୍ତ କାର୍ଯ୍ୟ ସମୟସୀମା ମଧ୍ୟରେ ଏବଂ ସୁଚାରୁରୂପେ ସମ୍ପାଦିତ ହେବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଶ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ଏହି ଆଲୋଚନା ସମୟରେ ଗଣିଆ ମଣ୍ଡଳ ବିଜେପି ସଭାପତି ମହାବୀର ପ୍ରସାଦ ମିଶ୍ରଙ୍କ ସମେତ ପୂର୍ତ୍ତ ବିଭାଗର ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଶଶୁରଙ୍କୁ ହତ୍ୟା ପରେ ଜ୍ୱାଇଁ ଫେରାର, ଘଟଣା ସ୍ଥଳରେ ଫରେନସିକ ଟିମ୍

ଅସ୍ତରଙ୍ଗ ୩୦/୫ମହାଭାରତ : ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ସିନ୍ଧିପୁର ଗ୍ରାମ ରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା ମୁଦୁଗଲ ଗ୍ରାମ ର ୭୦ ବର୍ଷୀୟ ବୃଦ୍ଧ ଭ୍ରମର ନାୟକ ଯିଏ ନିକଟରେ ସିନ୍ଧିପୁର ଗ୍ରାମ ରେ ଜାଗା କିଣି ସେଠି ଏକ ଗୃହ ନିର୍ମାଣ କରୁଥିଲେ। ତାଙ୍କ ତିନି ନମ୍ବର ଝିଅ ଦିଲ୍ଲୀ ରେ ପୂର୍ବରୁ କାମ କରି ସେଠି ଜଣକୁ ବିବାହ କରିଥିଲେ, ତାଙ୍କ ଜ୍ୱାଇଁ ତାଙ୍କ ଝିଅ କୁ ବାରମ୍ବାର ଅତ୍ୟାଚାର କରିବାରୁ ତାଙ୍କ ଝିଅ ଆସି ବାପା ଙ୍କ ନିକଟରେ ଆଶ୍ରୟ ନେଉଥିଲେ ମାତ୍ର କିଛି ମାସ ହେବ ଭ୍ରମର ଙ୍କ ଦିଲ୍ଲୀ ଜ୍ୱାଇଁ ତାଙ୍କ ନାମ ସୁଫି ବୋଲି ଜଣାପଡିଛି ଆଉ ସେ ଜଣେ ମୁସଲିମ ସମ୍ପ୍ରଦାୟ ର ବୋଲି ଯାହା ଚର୍ଚ୍ଚା ହେଉଛି ଆସି ସିନ୍ଧିପୁର ରେ ନିଜ ସ୍ତ୍ରୀ ଓ ଗୋଟେ ଛୋଟ ପୁଅ ସହ ଶଶୁର ଭ୍ରମର ଙ୍କ ଘରେ ରହିଥିଲେ। ସେଠି ତାଙ୍କ ଜ୍ୱାଇଁ ଦିନ ମଜୁରୀ କାମ କରୁଥିବା ଜଣାପଡିଛି। ଏଠାରେ ସୂଚନା ଥାଉ କି ଗତକାଲି ଜ୍ୱାଇଁ ଓ ଶଶୁର ନୂଆ ଘର ପାଖରେ ଥିଲେ ହେଲେ ଶନିବାର ସକାଳୁ ଉଲଗ୍ନ ଅବସ୍ଥା ରେ ଗଛ ବୁଦା ନିକଟରେ ଭ୍ରମର ଙ୍କ ମୃତ ଶରୀର ପଡ଼ିଥିବା ଗ୍ରାମବାସୀ ଦେଖି ପୋଲିସ କୁ ସୂଚନା ଦେଇଥିଲେ। ଭ୍ରମର ଙ୍କର କୌଣସି ପୁଅ ନାହାନ୍ତି ନିଜ ବାସସ୍ଥାନ ରୁ ଉଠି ନୂତନ ସ୍ଥାନ ରେ ଘର ନିର୍ମାଣ କରୁଥିଲେ ଗତକାଲି ଘର କାମ ପାଇଁ ବ୍ୟାଙ୍କ ରୁ ଲକ୍ଷାଧିକ ଟଙ୍କା ଉଠାଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ଘର ନିକଟରେ ଥିବା ଗୋଡି ଗଦା ନିକଟରେ ଭ୍ରମର ଙ୍କର ଲୁଙ୍ଗି ଆଉ ଗୋଡି ଉପରେ ରକ୍ତ ର ଦାଗ ମଧ୍ୟ ଦେଖିବାକୁ ମିଳିଛି,ବର୍ତ୍ତମାନ ଭ୍ରମର ଙ୍କ ଅନ୍ୟ ଝିଅ ମାନେ ଦିଲ୍ଲୀ ଜ୍ୱାଇଁ ଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି କାରଣ ଘଟଣା ପରଠୁ ତାଙ୍କ ଜ୍ୱାଇଁ ଫେରାର ଅଛି ବ୍ୟାଙ୍କ ରୁ ଉଠିଥିବା ଟଙ୍କା କିମ୍ବା ଅନ୍ୟ ସମ୍ପତି କିଅନ୍ୟ କେଉଁ କାରଣ ପାଇଁ ଦିଲ୍ଲୀ ଜ୍ୱାଇଁ ଏହି ଜଘନ୍ୟ ଘଟଣା ଘଟାଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟ ପଟେ ଫରେନସିକ ଟିମ୍ ଘଟଣା ସ୍ଥଳରେ ଯାଞ୍ଚ କରୁଥିବା ବେଳେ ମୃତକ ଙ୍କ ସାନ ଝିଅ ରୀନା ସ୍ୱାଇଁ ଙ୍କ ଏତଲା କୁ ନେଇ ଅସ୍ତରଙ୍ଗ ଥାନା ପୋଲିସ ତରଫରୁ ୧୪୭/୨୬ ରେ ମାମଲା ହୋଇଛି।

## ନେତାଜୀ ପ୍ରେମୀ ପବିତ୍ର ମିଶ୍ରଙ୍କ ହୃଦଘାତରେ ପରଲୋକ

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅର୍ନ୍ତଗତ ଗରେଇ ଶାସନ ଗ୍ରାମର ନେତାଜୀ ପ୍ରେମୀ ତଥା ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀ ପବିତ୍ର ମିଶ୍ରଙ୍କର ୬୫ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମିଶ୍ର ପାରାଦୀପ ବନ୍ଦରରେ ଚାକିରୀ କରିଥିବା ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରାଦୀପରେ ନେତାଜୀ ମେମୋରିଆଲ୍ କ୍ଲବ୍ ପରେ ଏହାକୁ ନେତାଜୀ ମେମୋରିଆଲ୍ ଟ୍ରଷ୍ଟ ଗଠନ କରିଥିଲେ। ପାରାଦୀପର ବହୁ ଯୁବକଙ୍କୁ ଏହି ସଂଗଠନରେ ସାମିଲ କରି ନେତାଜୀଙ୍କ ନୀତି, ଆଦର୍ଶ ପ୍ରଚାର କରିଥିଲେ । ନେତାଜୀ ଜୟନ୍ତୀ, ଆଜାଦ୍ ହିନ୍ଦ ଫୌଜ ପ୍ରତିଷ୍ଠା ଦିବସ ପାଳନ କରି ସେ ପାରାଦୀପର ସବୁ ଶ୍ରେଣୀର ଲୋକମାନଙ୍କର ନିକଟତର ହୋଇ ପାରିଥିଲେ । ନିଜସ୍ୱ ଉଦ୍ୟମରେ ବହୁ ବାଧାବିଘ୍ନକୁ ଖାତିର ନକରି ପାରାଦୀପ ବସ୍‌ଷ୍ଟାଣ୍ଡ ଛକରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପୂର୍ଣ୍ଣ ଅବୟବ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚନ କରାଇବାରେ ସଫଳ ହୋଇଥିଲେ । ପାରାଦୀପର ଅନ୍ୟତମ ଶ୍ରମିକ ସଙ୍ଗଠନ ଭାରତୀୟ ବନ୍ଦର ମଜଦୁର ସଭା ପାରାଦୀପ ଶାଖାର ମୁଖ୍ୟ ସ୍ୱର୍ଗତ ଦୋଳଗୋବିନ୍ଦ ଦାଶଙ୍କ ସହିତ ସାମିଲ ହୋଇ ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ ପାଇଁ ଆପ୍ରାନ ଉଦ୍ୟମ ଜାରୀ ରଖିଥିଲେ । ବନ୍ଦର ସେବାରୁ ଅବସର ଗ୍ରହଣ କରିବା ପରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଶ୍ରମିକ ସଂଘର ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଗୁରୁବାର ବିଳମ୍ବିତ ରାତିରେ ନିଜସ୍ୱ ପୈତୃକ ଗ୍ରାମ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅର୍ନ୍ତଗତ ଗରେଇ ଶାସନରେ ହୃଦଘାତରେ ତାଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ମରଶରୀର ତାଙ୍କ କର୍ମଭୂମି ପାରାଦୀପରେ ପହଂଚିବା ପରେ ନେତାଜୀଙ୍କ ପ୍ରତିମୂର୍ତୀ ନିକଟରେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ, ପାରାଦୀପ ପୋର୍ଟ ମଜଦୂର ୟୁନିୟନର ସଭାପତି ପ୍ରକାଶ ତ୍ରିପାଠୀ, ଭାରତୀୟ ବନ୍ଦର ମଜଦୁର ସଭା ପାରାଦୀପ ଶାଖାର ସଭାପତି ରାକେଶ କୁମାର ପଟ୍ଟନାୟକ, ବିଜେପି ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ, ପାରିଷଦ ଅଜିତ୍ କୁମାର ଷଡଙ୍ଗୀ, ସୁଶାନ୍ତ କୁମାର ଦାସ,ବିଜେଡି ପାରାଦୀପ ନଗର ସଭାପତି କୁମରବର ନାୟକ, ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁଙ୍କ ସମେତ ପାରାଦୀପ ଅଂଚଳର ବହୁ ଶୁଭେଚ୍ଛୁ ସ୍ୱର୍ଗତ ମିଶ୍ରଙ୍କ ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ରୋଗୀଙ୍କ ଉପରେ ଖସିଲା ଛାତର ସିଲିଂ, ନିର୍ମାଣ ନେଇ ଉଠିଲା ପ୍ରଶ୍ନବାଚୀ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କ ଉପରେ ହଠାତ୍ କେବିନର ଛାତର ସିଲିଂ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ବଡ଼ ଅଘଟଣ ଘଟିନଥିବା ବେଳେ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପାରଳାଖେମୁଣ୍ଡି ର ସାମୁଟିଆସାହିର ବାସିନ୍ଦା ଭବଶ୍ରୀ ହଳଦର ଆଜି ଦିନ ପ୍ରାୟ ୧୨ଟା ସମୟରେ ଏକ ଅପରେସନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କେବିନ ନମ୍ବର-୬୩ରେ ଭର୍ତ୍ତି ହୋଇଥିଲେ। ଡ୍ରେସିଂ ସରିବା ପରେ ସେ କେବିନ ଭିତରେ ବିଶ୍ରାମ କରୁଥିବା ବେଳେ ହଠାତ୍ ଛାତର ସିଲିଂର ଏକ ଅଂଶ ଖସି ପଡ଼ିଥିଲା। ଘଟଣାରେ ରୋଗୀ ଭୟଭୀତ ହୋଇପଡ଼ିଥିବା ବେଳେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି। ଘଟଣା ପରେ ଚିକିତ୍ସାଳୟର ଭିତ୍ତିଭୂମିର ଗୁଣବତ୍ତା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ରୋଗୀ ଓ ତାଙ୍କ ପରିବାର ଲୋକେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ଚିକିତ୍ସାଳୟ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ କେବିନର ଯାଞ୍ଚ କରିଥିବା ଜଣାପଡ଼ିଛି। ତେବେ ଛାତର ସିଲିଂ କିପରି ଖସିଲା ଏବଂ ଏଥିପାଇଁ କିଏ ଦାୟୀ, ତାହାର ତଦନ୍ତ କରିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତ ଦେହ ଉଦ୍ଧାର

କାକଟପୁର , (ମହାଭାରତ) : କାକଟପୁର ମୂଳାଗଡ଼ ଅଞ୍ଚଳ ରେ ଜଣେ ଅବିବାହିତ ଯୁବକ ଙ୍କ ଝୁଲନ୍ତା ଅବସ୍ଥା ରେ ମୃତ ଶରୀର ତାଙ୍କ ନିଜ ଘରୁ ଉଦ୍ଧାର। ସୂଚନା ମୁତାବକ ମୃତକ ଯୁବକ ହେଉଛନ୍ତି ମୂଳାଗଡ଼ ଗ୍ରାମ ର ରୋହିତ କାଣ୍ଡିଙ୍କ ଏକ ମାତ୍ର ପୁଅ ସୁନୀଲ କାଣ୍ଡି, ସୁନୀଲଙ୍କ ବୟସ ୨୭ ବର୍ଷ ହୋଇଥିବା ବେଳେ ସେ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ ରୋଜଗାରକ୍ଷମ ଥିଲେ। ମାତ୍ର ଗତକାଲି ରାତ୍ର ରେ ବଜାର ରୁ ମାଂସ ଆଣି ଘରେ ଦେଇଥିଲେ ରୋଷେଇ କରିବାକୁ, ବାରିପଟେ ଏକ ଘରେ ସୁନୀଲ ବଜାର ରୁ ଆସି ରହିଥିଲେ। ରାତ୍ର ସମୟ ରେ ତାଙ୍କ ମା ଖାଇବା ନେଇ ଉକ୍ତ ଘର କବାଟ ଖୋଲି ଭିତରେ ଦେଖିଥିଲେ ଯେ ଏକ ଗାମୁଛା ଦ୍ୱାରା ସୁନୀଲ ଫ୍ୟାନ ରେ ଝୁଲନ୍ତା ଅବସ୍ଥା ରେ ଅଛନ୍ତି। ତାଙ୍କ ବାପା ସଙ୍ଗେ ସଙ୍ଗେ ସେହି ଘରେ ପହଞ୍ଚି ତାଙ୍କୁ ଫିଟାଇ ତଳକୁ ଆଣିଥିଲେ। କିଛି ବନ୍ଧୁ ଖବର ପାଇ ତାଙ୍କୁ ହସ୍ପିଟାଲ ନେଇଥିଲେ ବୋଲି ପରିବାର ଲୋକ କହୁଛନ୍ତି। ମାତ୍ର ସୁନୀଲ ମୃତ ଜାଣିବା ପରେ ଘରକୁ ନେଇ ଆସିଥିଲେ,ଘଟଣା ର ଖବର ପାଇ ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି, ଯାହା ସୂଚନା ରହିଛି ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ ମଧ୍ୟ କରିଛି । ତେବେ ସୁନୀଲ ଗୋଟେ ପଟେ ଅବିବାହିତ ଥିବା ବେଳେ ଏହି ଆତ୍ମହତ୍ୟା କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ



ବାରଙ୍ଗ, (ମହାଭାରତ) : ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା କୁରୁଣ୍ଟି ଗ୍ରାମର କୋଠାପାଟଣାରେ ଫୁଲନଖରା ଉପଖଣ୍ଡ ବନବିଭାଗ ପକ୍ଷରୁ ଏକ ବଡ଼ଧରଣର ଚଢ଼ାଉ କରାଯାଇଛି। ସେଠାରେ ଥିବା ଏକ ଦେବସ୍ଥଳୀ ଓ ଅଗଣି ବେହେରା ବ୍ୟକ୍ତିଙ୍କ ନାମରେ ଥିବା ଜାଗାର ଘର ପଛପଟ ବାଡ଼ିରୁ ଫୁଲନଖରା ଉପଖଣ୍ଡ ବନ ବିଭାଗ ପକ୍ଷରୁ ୩୫ ଖଣ୍ଡରୁ ଅଧିକ ମୂଲ୍ୟବାନ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଛି। ଜବତ ହୋଇଥିବା ଏହି କାଠର ଆନୁମାନିକ ବଜ ?ାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କୁରୁଣ୍ଟି ଗ୍ରାମର କୋଠାପାଟଣାସ୍ଥିତ ଏକ ଦେବସ୍ଥଳୀ ଥିବା ସ୍ଥାନରୁ ଏବଂ ସେହି ସ୍ଥାନୀୟ ଅଞ୍ଚଳର ଜଣେ ଅଗଣି ବେହେରା ବ୍ୟକ୍ତିଙ୍କ ଘରବାଡ଼ିରେ ବେଆଇନ ଭାବେ ବିପୁଳ ପରିମାଣର ଶାଗୁଆନ କାଠ ଗଣ୍ଡି ଗଚ୍ଛିତ ରଖାଯାଇଥିବା ନେଇ ବନ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଫୁଲ ନଖରା ଉପ-ଖଣ୍ଡର ରେଞ୍ଜ ଅଫିସର ମୌସୁମୀ ବେହେରାଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ହଠାତ୍ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଦେବସ୍ଥଳୀ ଓ ଉକ୍ତ ବ୍ୟକ୍ତିଙ୍କ ଘରବାଡ଼ିରୁ ସ୍ଥାନରୁ ପାଖାପାଖି ୩୫ ଖଣ୍ଡ ଗଣ୍ଡି ଶାଗୁଆନ କାଠ ଉଦ୍ଧାର କରାଯାଇ ଦୁଇଟି ଟ୍ରାକଟର ସାହାଯ୍ୟରେ ନିଆଯାଇ ବାଗଲପୁରସ୍ଥିତ ଫୁଲନଖରା ସେକ୍ସନରେ ଜବତ କାଠକୁ ରଖାଯାଇଛି। ଜବତ ଏତେ ପରିମାଣର ଶାଗୁଆନ କାଠ ସବୁ କେଉଁଠାରୁ ଅଣାଯାଇଥିଲା ଏବଂ ଏହା ପଛରେ କାହାର ହାତ ରହିଛି, ସେ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏତେ ପରିମାଣର କାଠ ଅଞ୍ଚଳରେ ଚୋରା କାରବାର ଚାଲିଥିବା ଓ ବେଆଇନ ଭାବେ ଗଛ କଟାଯାଉଥିବା ବେଳେ ଏହି ଅଞ୍ଚଳ ପାଇଁ ବନ ବିଭାଗ ତରଫରୁ ନିୟୋଜିତ ଫରେଷ୍ଟ ଗାର୍ଡ ତଥା ବନ ବିଭାଗ ଏଥି ପ୍ରତି ନଜର ରଖିବା ନିହାତି ଆବଶ୍ୟକ।ଏହି ଚଢ଼ାଉରେ ନିଆଳି ଫରେଷ୍ଟର ମହେଶ୍ୱର ବେହେରା, ଫୁଲନଖରା ଫରେଷ୍ଟର ପ୍ରସନ୍ନ ପାଣିଗ୍ରାହୀ,ଫରେଷ୍ଟ ଗାର୍ଡ ଦିଲ୍ଲୀପ ଖୁଣ୍ଟିଆ, ସୁମିତି ଟୁଡୁ, ଗୋଲେଖ ମହାଲି, ସତ୍ୟ ଶିବ ସୁନ୍ଦର, ସୁଜାତା ନାୟକ, ବନ ବିଭାଗର ପାରା ଷ୍ଟାଫ ଅନିଲ ପୁହାଣ,ସଂଗ୍ରାମ କିଶୋର ସାହୁ, ଦିଲ୍ଲୀପ ସାହୁ, କିଶୋର ନାୟକ,ମାନସ ମଲ୍ଲିକ, କମଳାକାନ୍ତ ସାହୁ ସାମିଲ ଥିଲେ। ବନ ବିଭାଗର ଏହି ସଫଳ ଚଢ଼ାଉ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଲକ୍ଷ୍ମୀପୁରରେ ଏସଆଇଆର-୨୦୨୬ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ବୁଥ୍ ପରିଦର୍ଶନ

ଲକ୍ଷ୍ମୀପୁର, (ମହାଭାରତ): ଲକ୍ଷ୍ମୀପୁର ବ୍ଲକ୍‌ରେ ଚାଲିଥିବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମକୁ ଅଧିକ ସୁଚାରୁ ଓ ତ୍ୱରାନ୍ୱିତ କରିବା ପାଇଁ ବ୍ଲକ୍‌ର ବିଭିନ୍ନ ବୁଥ୍‌ରେ କ୍ଷେତ୍ର ସମୀକ୍ଷା କରାଯାଇଛି। ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରା ଓ ତହସିଲଦାର ନ୍ୟବେଦ୍ୟ ଭୋଇଁ, ଏଇଆରଓ ଭାବେ ଦାୟିତ୍ୱ ନିଭାଇ ବିଭିନ୍ନ ବୁଥ୍ ଓ ଗ୍ରାମାଞ୍ଚଳ ପରିଦର୍ଶନ କରିଥିଲେ। ସେମାନଙ୍କ ସହ ସମ୍ପର୍କିତ ବୁଥ୍ ଲେଭେଲ୍ ଅଫିସରମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଘରେ ଘରେ ଯାଇ ଭୋଟରଙ୍କ ସୂଚନା ସତ୍ୟାପନ, ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ସଂଶୋଧନ ସହ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା ଅଧିକାରୀ ମାନେ ଇଖଙମାନଙ୍କ ସହ ଆଲୋଚନା କରି ସଠିକ୍ ତଥ୍ୟ ସଂଗ୍ରହ ଓ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ଗୁରୁତ୍ୱ ଦେଇଥିଲେ। ବିଡିଓ ଶ୍ରୀ ବେହେରା କହିଥିଲେ ଯେ, ଗଣତନ୍ତ୍ରର ମୂଳ ଆଧାର ହେଉଛି ସଠିକ୍ ଭୋଟର ତାଲିକା। ତେଣୁ ଯୋଗ୍ୟ ଭୋଟରମାନଙ୍କ ନାମ ନିଶ୍ଚିତ ଭାବେ ତାଲିକାରେ ସାମିଲ ହେବା ସହ କୌଣସି ତ୍ରୁଟି ନ ରହିବା ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ତହସିଲଦାର ଶ୍ରୀ ନ୍ୟାବେଦ୍ୟ ଭୋଇଁ ମଧ୍ୟ ସାଧାରଣ ଲୋକଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ୧୮ ବର୍ଷ ପୂରଣ କରିଥିବା ଯୁବ ଭୋଟରମାନେ ନିଜ ନାମ ପଞ୍ଜୀକରଣ କରି ଗଣତାନ୍ତ୍ରିକ ପ୍ରକ୍ରିୟାର ସହଭାଗୀ ହେବା ଉଚିତ୍। ଏସଆଇଆର-୨୦୨୬ ଅଭିଯାନ ମାଧ୍ୟମରେ ଲକ୍ଷ୍ମୀପୁର ବ୍ଲକ୍‌ରେ ଏକ ସଠିକ୍, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

## ପାରାଦୀପ ବନ୍ଦରରେ ଅଘଟଣ- ଆଇରନ୍ ଓର୍ ବକେଟ ଖସି ପଡି ହାଇଓା ଚାଳକ ମୃତ



ପାରାଦୀପ, (ମହାଭାରତ) : ଶନିବାର ଦିନ ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଏକ ଅଘଟଣରେ ହାଇଓା ଚାଳକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ, ପାରାଦୀପ ବନ୍ଦର ସିକ୍ୟୁ-୧ ବର୍ଥରେ ଜିନ୍ ହାଏ ହେ ନାମକ ଏକ ଜାହାଜରେ ଆଇରନ୍ ଓର୍ ବୋଝେଇ ହେଉଥିଲା । ଏହି ଜାହାଜରେ ଆଇରନ୍ ଓର୍ ପ୍ଲଟ୍‌ରୁ ଆଇରନ୍ ଓର୍ ପରିବହନ ନିମନ୍ତେ ହାଇଓା ନିୟୋଜିତ ହୋଇଥାଏ । ଶନିବାର ଦିନ ପ୍ଲଟ୍‌ରୁ ଆଇରନ୍ ଓର୍ ଆଣି ଜାହାଜ ପାଖରେ ଓଆର୍-୨୧-ବି-୯୨୩୬ ନମ୍ବର ବିଶିଷ୍ଟ ହାଇଓା ଆସିଥିଲା । ଜାହାଜରେ ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବା ବେଳେ କ୍ରେନ୍ ବକେଟ୍‌ର ଆଇରନ୍ ଓର୍ ଖସି ପଡିଥିଲା । କ୍ରେନ୍ ତଳେ ଥିବା ହାଇଓା କ୍ୟାବିନ୍ ଉପରେ ଏହି ଆଇରନ୍ ଓର୍ ଖସି ପଡିଥିବାରୁ ଗାଡିରେ ଥିବା ଚାଳକ ସରୋଜ ଖିଲାର (୩୭)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯିବଥିଲା । ଏହି ଖବର ପାଇ ଅନ୍ୟ ହାଇଓା ଚାଳକ ଘଟଣାସ୍ଥଳରେ ପହଂଚିଥିଲେ । ଏହି ଘଟଣାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଥିଲା । ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହିତ ବ୍ୟବଛେଦ ନିମନ୍ତେ ପଠାଇଛି । ମୃତ ଗାଡି ଚାଳକ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଅନଲାକଟା ଗ୍ରାମର ପର୍ଶୁରାମ ଖିଲାରଙ୍କ ପୁଅ ବୋଲି ଜଣାପଡିଛି । ସେ ସୁୟଦ ଖାନ୍ ଙ୍କ ହାଇଓା ଚାଳକ ଭାବେ କାମ କରୁଥିଲେ । ତେବେ ଶୁକ୍ରବାର ଦିନ ପାରାଦୀପରେ ପ୍ରବଳ ବର୍ଷା ହୋଇଥିଲା । ଏହି ବର୍ଷାରେ ଆଇରନ୍ ଓର୍ ସମ୍ପୂର୍ଣ୍ଣ ଭାବେ ଓଦା ହୋଇ କାଦୁଅ ଆକାରର ହୋଇଯାଇଥିଲା । ଓଦା କାଦୁଆ ଆକାରର ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବାରୁ ଆଇରନ୍ ଓର୍ ଖସି ପଡି ଏଭଳି ଦୂର୍ଘଟଣା ଘଟିଥିବା ସୂଚନା ମିଳିଛି ।

## ବ୍ଲକରେ ଅନାସ୍ଥା ଭୋଟ ହେଲା ଗଣତି

ଉଦଳା, (ମହାଭାରତ) : ପଡିଥିଲା ଅନାସ୍ଥା ଭୋଟ, ହେଲେ ଉଚ୍ଚ ନ୍ୟାୟାଳୟ ରହିତା ଦେଶ ପାଇଁ ହୋଇ ପାରି ନ ଥିଲା ଗଣତି। ଶେଷରେ ଆଜି ହେଲା ଅନାସ୍ଥା ଭୋଟ ର ଗଣତି। ଉଦଳା ବ୍ଲକ ନୂଆଗାଁ ପଞ୍ଚାୟତର ନାଏବ ସରପଞ୍ଚ ଗୁଣ୍ଡୁରୀ ସିଂ ଙ୍କ ବିରୋଧ ରେ ଆସିଥିଲା ଅନାସ୍ଥା। ଯାହାକୁ ନେଇ ଗତ ନଭେମ୍ବରରେ ପଡିଥିଲା ଅନାସ୍ଥା ଭୋଟ। ହେଲେ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇଥିଲେ ନାଏବ ସରପଞ୍ଚ। ଯେଉଁଥିପାଇଁ ହୋଇ ପାରି ନ ଥିଲା ଗଣତି, ଶେଷରେ ଆଜି ଉକ୍ତ ଅନାସ୍ଥା ଭୋଟର ହୋଇଛି ଗଣତି। ୯ ଜଣ ୱାର୍ଡ ମେମ୍ବର ନାଏବ ସରପଞ୍ଚଙ୍କ ବିରୋଧରେ ଭୋଟ ପକାଇ ଥିବା ଅନାସ୍ଥାରେ ନାଏବ ସରପଞ୍ଚ ହାରିଥିବା ଜଣାଯାଇଛି। ଗୋପବନ୍ଧୁ ନଗର ବ୍ଲକ ବିଡ଼ିଓ ପୃଥ୍ୱୀରାଜ ପରିଡା ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇ ଗଣତି କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଗଣତି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପଠା ଯାଇଥିବା ବେଳେ ସରକାରୀସ୍ତରରେ ଫଳାଫଳ ଘୋଷଣା ହେବ ବୋଲି କହିଛନ୍ତି ନିର୍ବାଚନ ଅଧିକାରୀ।

## ସାଗର ଆଙ୍କଳନ ପୁରସ୍କାରରେ ଶୀର୍ଷ ସ୍ଥାନ ହାସଲ ସହ ଭାରତର ସର୍ବଶ୍ରେଷ୍ଠ ଡ୍ରାଇ ବଲ୍କ କାର୍ଗୋ ବନ୍ଦର ଭାବେ ଉଭା ହେଲା ପାରାଦୀପ ବନ୍ଦର ପ୍ରାଧିକରଣ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ସାଗର ଆଙ୍କଳନ ପୁରସ୍କାରରେ ଶୀର୍ଷ ସ୍ଥାନ ଅର୍ଜନ କରି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସଫଳତା ସାଧନ କରିଛି। ଏହି ସଫଳତା ପାରାଦୀପ ବନ୍ଦରର ଦେଶର ସର୍ବଶ୍ରେଷ୍ଠ କାର୍ଯ୍ୟଦକ୍ଷ ବନ୍ଦରମାନଙ୍କ ମଧ୍ୟରୁ ପ୍ରଥମ ବନ୍ଦର ଭାବେ ନିଜ ସ୍ଥିତି କୁ ମଜବୁତ କରିବା ସହ କାର୍ଗୋ ହ୍ୟାଣ୍ଡଲିଂ, ପରିଚାଳନା ଦକ୍ଷତା ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଉତ୍କର୍ଷକୁ ପ୍ରକାଶ କରିଛି। ଏହି ପୁରସ୍କାର ଗତ ଶନିବାର ସନ୍ଧ୍ୟାରେ ମୁମ୍ବାଇରେ ଆୟୋଜିତ ଏକ ବିଶେଷ ସମାରୋହରେ ପ୍ରଦାନ କରାଯାଇଥିଲା, ଯେଉଁଠାରେ ପାରାଦୀପ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ପି.ଏଲ୍.ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଠାରୁ ସାଗର ଆଙ୍କଳନ ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ପାରାଦୀପ ବନ୍ଦର ୫ ମିଲିୟନ୍ ଟନ୍ ଓ ତତୁର୍ଦ୍ଧ୍ୱ କାର୍ଗୋ ହ୍ୟାଣ୍ଡଲିଂ ବର୍ଗରେ ଡ୍ରାଇ ବଲ୍କ କାର୍ଗୋ ପରିଚାଳନାରେ ଭାରତରେ ୧ ନମ୍ବର ସ୍ଥାନ ଅର୍ଜନ କରିଛି। ଏହି ସଫଳତା ବନ୍ଦରର ବଲ୍କ କାର୍ଗୋ କ୍ଷେତ୍ରରେ ନେତୃତ୍ୱ ଓ ଦେଶର ଶିଳ୍ପ ଏବଂ ଉର୍ଜା ଆପୂର୍ତ୍ତି ଶୃଙ୍ଖଳରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ଼ କରିଛି । ସେହିପରି, କଣ୍ଟେନର କାର୍ଗୋ ପରିଚାଳନାରେ ୦.୫ ମିଲିୟନ୍ ଟିଇୟୁ ଠାରୁ କମ୍ ବର୍ଗରେ ପାରାଦୀପ ବନ୍ଦର ପ୍ରାଧିକରଣ ତୃତୀୟ ସ୍ଥାନ ଅଧିକାର କରିଛି। ଏହା ବନ୍ଦରର କଣ୍ଟେନର ଅପରେସନ୍ କ୍ଷେତ୍ରରେ ବୃଦ୍ଧିଶୀଳ କ୍ଷମତା ଓ ବିଭିନ୍ନ କାର୍ଗୋ ସେଗମେଣ୍ଟରେ ସମର୍ଥ ସେବା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ପ୍ରକାଶ କରେ। ସମାରୋହରେ କେନ୍ଦ୍ର ମନ୍ତ୍ରୀ ଲଜିଷ୍ଟିକ୍ସ ପୋର୍ଟ ପରଫର୍ମାନ୍ସ ଇଣ୍ଡେକ୍ସ ଉନ୍ମୋଚନ କରିଥିଲେ, ଯାହା ଭାରତୀୟ ବନ୍ଦରମାନଙ୍କ ଦକ୍ଷତା, ପ୍ରତିସ୍ପର୍ଧା କ୍ଷମତା ଓ ସେବା ମାନଦଣ୍ଡ ମାପିବା ପାଇଁ ସାଗର ଆଙ୍କଳନ ଅନ୍ତର୍ଗତ ଏକ ଜାତୀୟ ମାନଦଣ୍ଡ ଢାଞ୍ଚା । ପୁରସ୍କାରଗୁଡ଼ିକ ବନ୍ଦର ପରିଚାଳନା କାର୍ଯ୍ୟଦକ୍ଷତା, କାର୍ଗୋ ହ୍ୟାଣ୍ଡଲିଂ, ପୂର୍ବାଧାର ଉପଯୋଗ, ଟର୍ନଅରାଉଣ୍ଡ ସମୟ, ଲଜିଷ୍ଟିକ୍ସ ସହଜତା ଏବଂ ଗ୍ରାହକ ସେବାରେ ଉତ୍କର୍ଷକୁ ସ୍ୱୀକୃତି ଦେଇଥାଏ। ପାରାଦୀପ ବନ୍ଦରର ଦୁଇଟି ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ଏହାର ଆଧୁନିକୀକରଣ, ଡିଜିଟାଲ୍ ରୂପାନ୍ତରଣ ଓ ପରିଚାଳନା ଉତ୍କର୍ଷ ପ୍ରତି ଲଗାତାର ଧ୍ୟାନକୁ ପ୍ରତିଫଳିତ କରେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଥିଲେ ଯେ ଏଲପିପିଆଇ ଭାରତୀୟ ବନ୍ଦରମାନଙ୍କ ମଧ୍ୟରେ ଅଧିକ ପାରଦର୍ଶିତା, କାର୍ଯ୍ୟଦକ୍ଷତା ଏବଂ ବିଶ୍ୱସ୍ତରୀୟ ପ୍ରତିସ୍ପର୍ଧା କ୍ଷମତା ବୃଦ୍ଧି କରିବ। ତେବେ ଏହି ସଫଳତାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ କହିଛନ୍ତି ଯେ 'ଏହି ସମ୍ମାନ ପାରାଦୀପ ବନ୍ଦର ପରିବାରର ସମସ୍ତ କର୍ମଚାରୀ, ଷ୍ଟେକହୋଲ୍‌ଡର, ପୋର୍ଟ ୟୁଜର୍ସ ଏବଂ ବ୍ୟବସାୟିକ ସହଯୋଗୀଙ୍କ ଅବଦାନର ପ୍ରତିଫଳନ । ଡ୍ରାଇ ବଲ୍କରେ ପ୍ରଥମ ସ୍ଥାନ ଏବଂ କଣ୍ଟେନର କାର୍ଗୋରେ ତୃତୀୟ ସ୍ଥାନ ହାସଲ କରିବା ଆମର ଦକ୍ଷତା, କାର୍ଯ୍ୟକ୍ଷମତା ଏବଂ ଗ୍ରାହକ ସନ୍ତୋଷ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରମାଣ କରେ। ଆମେ ଭାରତର ସମୁଦ୍ରୀୟ କ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ଏବଂ ଦେଶର ଆର୍ଥିକ ବିକାଶକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ।' ଏହି ସମ୍ମାନ ପାରାଦୀପ ବନ୍ଦର ପ୍ରାଧିକରଣର ଭାରତର ଏକ ଅଗ୍ରଣୀ ସମୁଦ୍ରୀୟ ଗେଟୱେ ଏବଂ ବ୍ୟବସାୟ, ଲଜିଷ୍ଟିକ୍ସ ଓ ଆର୍ଥିକ ବିକାଶର ଏକ ମୁଖ୍ୟ ଚାଳକ ଭାବେ ତାହାର ସ୍ଥାନକୁ ମଜବୁତ କରିଛି ।

## ବାଂଶପାଳରେ ଭୂଦୃଶ୍ୟ ପରିବେଶ ପରାମର୍ଶ ବୈଠକ



ପାଟଣା(ମହାଭାରତ): କେନ୍ଦୁଝର ଜିଲ୍ଲା ବାଂଶପାଳ ବିକାଶ ମଞ୍ଚ ବି.ବି.ଏମ ର ଶାସନ ବ୍ୟବସ୍ଥା କୁ ଔପଚାରିକ ସ୍ୱୀକୃତି ପ୍ରଦାନ ସହିତ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବାଂଶପାଳ ଅଞ୍ଚଳ ହିତାଧିକାରୀ ମାନଙ୍କୁ ଏକ ପରାମର୍ଶ ବୈଠକ ଆୟୋଜିତ ହୋଇଛି । ବୈଠକରେ ବି.ବି.ଏମ ସଦସ୍ୟ ମାନଙ୍କ ସହିତ ଏଫ୍.ଇ.ଏସ୍ ପ୍ରଦାନ, ବନ ବିଭାଗ,ଧରଣୀଧର ବିଶ୍ୱବିଦ୍ୟାଳୟ,ପଞ୍ଚାୟତି ରାଜ ଅନୁଷ୍ଠାନ ପିଢ଼ ସର୍ଦ୍ଦାର ଓ ଅନ୍ୟାନ୍ୟ ସମୁଦାୟ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ । ଏହି ବୈଠକ ର ଉଦ୍ଦେଶ୍ୟ ବାଂଶପାଳ ଭୂ-ଦୃଶ୍ୟ ର ପରିବେଶ ଗତ, ସାମାଜିକ ଏବଂ ବିକାଶମୂଳକ ଚ୍ୟାଲେଞ୍ଜ ଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ହିତାଧିକାରୀ ଙ୍କୁ ଏକତ୍ର କରି କାର୍ଯ୍ୟ କରିବାର ଏକ ସହଯୋଗାତ୍ମକ ମଞ୍ଚ ଭାବରେ ବି.ବି.ଏମ କୁ ପ୍ରତିଷ୍ଠାନ ରୂପେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ବି.ବି.ଏମ କୁ ଅଧିକ ପ୍ରଭାବଶାଳୀ ଓ ସୁଚାରୁ ଭାବେ କାର୍ଯ୍ୟକ୍ଷମ କରି ସ୍ୱାକ୍ଷର ସମାରୋହ ସମୟରେ ପ୍ରତ୍ୟେକ ହିତାଧିକାରୀ ଗୋଷ୍ଠୀ ପ୍ରତିନିଧି ମାନେ ଶାସନ ଢାଞ୍ଚା ଅନ୍ତର୍ଗତ ସେମାନଙ୍କୁ ପ୍ରଦାନ କରାଯାଇ ସେମାନଙ୍କୁ ଭୂମିକା ଓ ଦାୟିତ୍ୱ ଗୁଡ଼ିକୁ ଔପଚାରିକ ଭାବରେ ସ୍ୱୀକାର କରିଥିଲେ । ବନ ବିଭାଗ ପ୍ରତିନିଧି ମାନେ ସଂରକ୍ଷଣ ଏବଂ ସ୍ଥାୟୀ ବନ ପରିଚାଳନା କ୍ଷେତ୍ରରେ ସମୁଦାୟର ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ପ୍ରଦାନ ଏବଂ ଏଫ.ଇ.ଏସ୍ ପ୍ରତିନିଧି ମାନେ ଦୃଢ଼ ସାମୁଦାୟିକ ଅନୁଷ୍ଠାନ ଏବଂ ସମୁଦାୟ-ନେତୃତ୍ୱାଧୀନ ଯୋଜନା ପ୍ରକ୍ରିୟା ମାଧ୍ୟମରେ କିପରି ଜୀବିକାର ଉନ୍ନତି ଓ ପରିବେଶ ସୁରକ୍ଷା କୁ ପ୍ରୋତ୍ସାହିତ ଦିଆଯାଇ ପାରିବ ସେ ସମ୍ପର୍କରେ ନିଜ ମତାମତ ରଖିଥିଲେ । ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରତିନିଧି ମାନେ ଗବେଷଣା,ଦଲିଲୀ କରଣ ଓ ବୈଷୟିକ ସହାୟତା ମାଧ୍ୟମରେ ସ୍ଥାନୀୟ ସମସ୍ୟା ଗୁଡ଼ିକର ପ୍ରମାଣ-ଭିତ୍ତିକ ସମାଧାନ ଉନ୍ମୋଚନ କରିବାର ସମ୍ଭାବନା ଉପରେ ଆଲୋକ ପାତ କରିଥିଲେ ।ସେହିପରି ପି.ଆର.ଆଇ ପ୍ରତିନିଧି ସହ ପିଢ଼ ସର୍ଦ୍ଦାର ମାନେ ପାରମ୍ପରିକ ଏବଂ ଔପଚାରିକ ଶାସନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ଓ ପରସ୍ପର ସହଯୋଗର ଆବଶ୍ୟକତା କୁ ଗୁରୁତ୍ୱ ଦେଇଛନ୍ତି । ସମସ୍ତ ଆଲୋଚନା ରେ ସ୍ପଷ୍ଟ ହୋଇଥିଲା ବି.ବି.ଏମ ବିଭିନ୍ନ କ୍ଷେତ୍ର ଓ ଅନୁଷ୍ଠାନ ଭାବେ ସଂଳାପ, ସମନ୍ୱୟ ଓ ସାମୂହିକ କାର୍ଯ୍ୟ ପାଇଁ ଏକ ପ୍ରଭାବଶାଳୀ ମଞ୍ଚ ଭାବରେ ବିକଶିତ ହେବାର ବ୍ୟାପକ ସମ୍ଭାବନା ରହିଛି ।

## ହୃଦଘାତରେ ଯୁବ ଗାଁ ସାଥିଙ୍କ ପରଲୋକ

ଅସ୍ତରଙ୍ଗ:,(ମହାଭାରତ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ଅଞ୍ଚଳରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଜିଉନ୍ତି ଗ୍ରାମର ଅଗ୍ରଣୀ ଯୁବ ଅନୁଷ୍ଠାନ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନର ଜଣେ ଜଣାଶୁଣା ଉଦୀୟମାନ ସଭ୍ୟ ତଥା ସ୍ଥାନୀୟ ଗାଁ ସାଥି ଦୁଷ୍ମନ୍ତ ବିଶ୍ୱାଳଙ୍କର ହୃଦଘାତରେ ଆକସ୍ମିକ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିବା ବେଳେ ଏହି ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି । ସୂଚନା ଅନୁଯାୟୀ ଦୁଷ୍ମନ୍ତ ଜଣେ କର୍ତ୍ତବ୍ୟନିଷ୍ଠ ଗାଁ ସାଥି ଭାବେ ପଞ୍ଚାୟତରେ ବେଶ୍ ପରିଚିତ ଥିଲେ । ସେ ସଦାସର୍ବଦା ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଆଗଭର ରହୁଥିଲେ । ତାଙ୍କର ମେଳାପୀ ଓ ପରୋପକାରୀ ଗୁଣ ଯୋଗୁଁ ସେ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା ସାଜିଥିଲେ । ଶୁକ୍ରବାର ହଠାତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ସହ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ବାପା ରାଜକିଶୋର, ବଡବାପା ବାବାଜୀ ବିଶ୍ୱାଳ ଦାଦା ବିଜୟ ବିଶ୍ୱାଳ, ବଡଭାଇ ପ୍ରଭାତ ବିଶ୍ୱାଳ,ସହଧର୍ମିଣୀ ଖୁଲଣା, ଭାଉଜ ସୀମା, ଭଉଣୀ, ଭିଣୋଇ, ଭଣଜା, ଭାଣେଜୀ ଝିଆରୀ, ପୁତୁରା ପ୍ରମୁଖ ଉପସ୍ଥିତ ଥିଲେ । ଦୁଷ୍ମନ୍ତଙ୍କ ଏଭଳି ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନ ର ସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଆଦିତ୍ୟ ରାଉତ, ଉପସଭାପତି ଆଦିକନ୍ଦ ସ୍ୱାଇଁ,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବାପି ସ୍ୱାଇଁ,ସୋମ କୁମାର ସ୍ୱାଇଁ,କାଲୁ, ଟୁକୁନା ସମେତ ସମସ୍ତ ସଭ୍ୟ,କେନ୍ଦ୍ରାପଟି ପଞ୍ଚାୟତ ଏବଂ ଆଖପାଖ ଗ୍ରାମର ଶତାଧିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କର ମୃତ୍ୟୁରେ ଅଞ୍ଚଳ ଏକ ଅମାୟିକ ଓ ପ୍ରତିଭାବାନ ଯୁବକଙ୍କୁ ହରାଇଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରକାଶ କରିଛନ୍ତି ।

# ନଳକୂଅ ଅଚଳକୁ ଗାଁ ରେ ମିଳୁନି ପାଇପ ପାଣି

## ଲୋକେ ହନ୍ତସନ୍ତ: ପ୍ରଶାସନ ନୀରବ

ଆଳି,(ମହାଭାରତ) : ରାଜ୍ୟ ସରକାର ଘରେ ଘରେ ପାଇପ ପାଣି ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ପାଣି ପାଇଁ ଗାଁ ଗହଳିର ଲୋକମାନେ କେତେ ଯେ କଷ୍ଟ ଭୋଗ କରୁଛନ୍ତି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବନାହିଁ । ପାଣି ସମସ୍ୟା ଦୂର କରିବା ନିମନ୍ତେ ବିଭାଗ ରହିଛି ମାତ୍ର ବିଭାଗୀୟ ଅଧିକାରୀ ଜଣକ କାର୍ଯ୍ୟାଳୟରେ ବସି ପାଣି ସମସ୍ୟା ଦୂର ହେଉଥିବା କହୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସଙ୍ଗୀନ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମଧୁବନ ଗ୍ରାମରେ । ଏହି ମଧୁବନ ଗ୍ରାମର ଶହେ ପରିବାର ପାଣି ପାଇଁ ହା ହା କାର ହୋଇ ପଡିଛନ୍ତି । ଶହେ ପରିବାର ପାଇଁ ତିନୋଟି ନଳକୂଅ ଅଛି ସତ ମାତ୍ର ନଳକୂଅରୁ ଲୋକଙ୍କୁ ଠିକ ଭାବେ ମିଳି ପାରୁନି ପାଣି । ଗାଁ ଲୋକଙ୍କ ପାଇଁ ପାଇପ ପାଣି ପାଇବା ସ୍ୱପ୍ନ ପାଲଟି ଥିବା ବେଳେ ଜୀବନ ବଞ୍ଚାଉଛି ଖରସ୍ରୋତା ନଦୀଜଳ । ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଡ଼ିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମର ୧ ନମ୍ବର ଓ ୩ ନମ୍ବର ୱାର୍ଡରେ ବସବାସ କରନ୍ତି ଶହେରୁ ଊର୍ଦ୍ଧ ପରିବାର ।ଏହି ପରିବାର ଗୁଡିକ ଖରସ୍ରୋତା ନଦୀକୂଳରେ ବସବାସ କରିଥାନ୍ତି । ପାନୀୟ ଜଳ ସଂଗ୍ରହ ନିମନ୍ତେ ତିନୋଟି ନଳକୂଅ ରହିଛି । ମାତ୍ର ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିବା ବେଳେ ଅନ୍ୟଟିରୁ ଲୁହାଗୁଣ୍ଡି ମିଶା ପାଣି ବାହାରୁଛି । ଗୋଟିଏ ନଳକୂଅ ଉପରେ ଶତାଧିକ ପରିବାର ପାଣି ପାଇଁ ବ୍ୟବହାର କରୁଥିବା ବେଳେ ଜଳସ୍ତର ହ୍ରାସ ପାଇଥିବାରୁ ଠିକ ଭାବେ ନଳକୂଅ ରୁ ପାଣି ବାହାରୁନି । ଯାହାଫଳରେ ଗ୍ରାମ ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୁ ପାଣି ପାଇଁ ଯାଉଛନ୍ତି ଗ୍ରାମବାସୀ । ଖରସ୍ରୋତା ନଦୀରେ କୁମ୍ଭୀର ଆତଙ୍କ ଥିଲେ ମଧ୍ୟ ରୋଷେଇ



ଠୁ ଆରମ୍ଭ କରି ପିଇବା ପାଇଁ ପାଣିର ଆବଶ୍ୟକତା ଥିବାରୁ କୁମ୍ଭୀରିଆ ନଦୀରୁ ଜୀବନକୁ ବାଜି ଲଗାଇ ପାଣି ସଂଗ୍ରହ କରୁଥିବା ନେଇ ପ୍ରକାଶ କରିଛନ୍ତି ଗ୍ରାମବାସୀ । ପାଣି ସମସ୍ୟା ନେଇ ଗ୍ରାମବାସୀ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସହ ବିଡ଼ିଓଙ୍କୁ ଅବଗତ କରିଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଅଭିଯୋଗ କର୍ଣ୍ଣପାତ କରୁନି କିମ୍ବା ପାଣି ସମସ୍ୟା ଦୂର କରୁନଥିବା ନେଇ ଗ୍ରାମର ବାବାଜୀ ରାଉଳ, ବିଜୟ ରାଉଳ, ସତ୍ୟଭାମା ରାଉଳ, ରାଲି ରାଉଳ, ସବିତା ରାଉଳ, କନକଲତା ରାଉଳ, ସାବିତ୍ରୀ ରାଉଳ, ସୁନୀଲତା ରାଉଳ, ଅଉପୂର୍ଣ୍ଣା ରାଉଳ, ଆଶାଲତା ରାଉଳଙ୍କ ସହ ଯୁବନେତା ହିମାଦ୍ରୀ ପତି ଦାବି କରିଛନ୍ତ । ଏ ବିଷୟରେ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମଧୁବନ ଗ୍ରାମରେ ଥିବା ନଳକୂଅ ଓ ପାଇପ ଲାଇନ ମରାମତି କରିବା ନିମନ୍ତେ ଚେଷ୍ଟା କରୁଛୁ,ଯଦି ନହୁଏ ତେବେ ନ ହୁଏ ତେବେ ନୂତନ ନଳକୂଅ ଖୋଳିବା ନିମନ୍ତେ ବ୍ୟବସ୍ଥା କରାଯିବ ।

## ବିଦ୍ୟୁତ ସେବାରେ ଅନିୟମିତତାକୁ ନେଇ ପ୍ରତିବାଦ ବୈଠକ

ଦଶପଲ୍ଲା,(ମହାଭାରତ):ଟାଟା ପାୱାର (ଟିପିସିଓଡିଏଲ୍ ) କମ୍ପାନୀର ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଏବଂ ନିମ୍ନମାନର ସେବା ପ୍ରତିବାଦରେ ବିଦ୍ୟୁତ ଉପଭୋକ୍ତା ସଂଘ, ଦଶପଲ୍ଲା ପକ୍ଷରୁ ଗୁରୁବାର ସନ୍ଧ୍ୟା ସମୟରେ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହେଇଯାଇଛି । ପ୍ରସ୍ତାବିତ ବୈଠକରେ ଚାରୋଟି ପ୍ରମୁଖ ଦାବୀ ନେଇ ଦାବିପତ୍ର ପ୍ରଦାନ ସହ ଆବଶ୍ୟକ ପଡିଲେ ଦଶପଲ୍ଲା ବନ୍ଦ ଭଳି ଚରମ ନିଷ୍ପତ୍ତି ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି । ଏଥିରେ ପ୍ରଫୁଲ୍ଲ କୁମାର ମିଶ୍ର -ସଭାପତି, ହାଡିବଂଧୁ ମହାଖୁଡ-କାର୍ଯ୍ୟକାରୀ ସଭାପତି ଓ ସୁଶାନ୍ତ ସାହୁ, ଶୁକଦେବ ମିଶ୍ର, ପ୍ରଭାତ ପୃଷ୍ଟି , ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ ମହାପାତ୍ର, ସନୋଜ ସାହୁଙ୍କ ସମେତ ବିଭିନ୍ନ ପ୍ରମୁଖ ସଂଗଠନର ମୁଖ୍ୟ ମାନଙ୍କୁ ସ୍ଥାନୀତ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତସେବା ପ୍ରଦାନ, ଲୋ ଭୋଲଟେଜ୍ ସମସ୍ୟାର ସମାଧାନ, ଆକ୍ରୋଶ ମୂଳକ ପଦକ୍ଷେପରୁ ବିରତି, ଟାକରା ସର୍ଭିକଟ ଗ୍ରୀଡ୍ କୁ କାର୍ଯ୍ୟକ୍ଷମ ଆଦି ପ୍ରମୁଖ ଦାବୀ ପୂରଣ ପାଇଁ ଦାବୀ କରାଯାଇଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଦଶପଲ୍ଲାରେ



ଦୈନିକ ୧୫ ରୁ ୨୦ ଥର ବିଦ୍ୟୁତ କାଟ ହେବା ସହ ପ୍ରବଳ ଲୋ-ଭୋଲଟେଜ୍ ସମସ୍ୟା ଦେଖାଦେଉଛି । ଏହା ଯୋଗୁଁ ଫ୍ରିଜ୍, ଏସି, କୁଲର ଭଳି ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନଷ୍ଟ ହେଉଛି । କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ବଡ଼କଥା ହେଲା ଗୁରୁବାର ଦିନ ବୈଠକ ବସିଲା କିନ୍ତୁ ଶୁକ୍ରବାର ଦିନ ମନଇଚ୍ଛା ଲାଇନ କଟିଲା ।

## ଯାତ୍ରାରେ ପ୍ଲାଷ୍ଟିକ ରହିତ ଯାତ୍ରାର ବାର୍ତ୍ତା ବାଣ୍ଟିଲେ ସ୍ୱେଚ୍ଛାସେବୀ

ଗଜପତ(ମହାଭାରତ): ସବୁବେଳେ ସବୁ ସ୍ଥାନରେ ସମାଜସେବା କରି ପ୍ରଶଂସା ସାଉଁଟୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସ୍ୱେଚ୍ଛାସେବୀମାନେ ଛତ୍ରପୁର ଅଧିଷ୍ଠାତ୍ରୀ ମାଆ ରାମାୟଣମ୍ମାଙ୍କ ଯାତ୍ରାରେ ବିଗତ ତିନିଦିନ ଧରି ବିଭିନ୍ନ ପ୍ରକାର ପଣା ବାଣ୍ଟି ଆସୁଥିଲେ । ସେହି କ୍ରମରେ ଆଜି ବି ପଣା ବଣ୍ଟନ କରିବା ସହ ସଙ୍ଗଠକ ତଥା ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତ□ତ୍ତ୍ୱାବଧାନରେ ତଥା ମାଆ ରାମଚଣ୍ଡୀ ପୂଜା କମିଟିର ସହଯୋଗରେ ପରିବେଶ ସଫେଇ ଉପରେ ବିଶେଷ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଚେଷ୍ଟା କରି ପ୍ଲାଷ୍ଟିକ ଗ୍ଲାସ ବ୍ୟବହାର ବର୍ଜନ କରି ଷ୍ଟିଲ ଗ୍ଲାସରେ ଭକ୍ତମାନଙ୍କୁ ପଣା ବଣ୍ଟନ କରି ଏକ ଉଦାହରଣ ସୃଷ୍ଟି କରିଥିଲେ । ନିମନ୍ତ୍ରଣ ରକ୍ଷା କରି ଏହି ପଣା କାର୍ଯ୍ୟକ୍ରମର ଉଦଘାଟନ କରିବାକୁ ଆସିଥିବା ସ୍ଥାନୀୟ ଉପଜିଲ୍ଲାପାଳ ଡ଼ଃ ଶିବାଶିଷ ବରାଳ ଏହି ସ୍ୱେଚ୍ଛାସେବୀଙ୍କର ସମାଜ ପ୍ରତି ଅବଦାନକୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ସରକାରୀ ଓକିଲ ପି ଧର୍ମା ରେଡ୍ଡୀ ସମସ୍ତଙ୍କୁ ଯଥା ସମ୍ଭବ ପରିବେଶ ପରିଷ୍କାର ରଖିବା ନିମନ୍ତେ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହଯୋଗର ହାତ ବଢାଇଥିଲେ ସମାଜସେବୀ ମନୋଜ ମିଶ୍ର, ଜୀବନ କୁମାର ମହାରଣା, ଏସ. ରବି, କରପଡ଼ା ସରପଞ୍ଚ ଅଜୟ ନାୟକ, ସୁଶାନ୍ତ ଗୌଡ଼, ମାଧବ ସାସମଲ, ମନୋରଞ୍ଜନ ବେହେରା, ତନ୍ମୟ ବେହେରା, ବି ବୈରାଗୀ ପ୍ରମୁଖୟ ଆଜିର ଏହି ମହାନ ପ୍ଲାଷ୍ଟିକ ରହିତ ପଣା ବଣ୍ଟନ ପ୍ରୟାସକୁ ପ୍ରଶଂସା କରିଥିଲେ ମାଆ ରାମଚଣ୍ଡୀ ପୂଜା କମିଟିର ସଂଯୋଜକ କମଳ ପଣ୍ଡା ଓ ବରିଷ୍ଠ ପରାମର୍ଶ ଦାତା ତ୍ରିପତି ବାଲାଜି ମିଶ୍ର ।

## ରାମସାଗର ପରିଦର୍ଶନ କଲେ ପାରଳା ବିଧାୟକ



ଗଜପତି: ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ରାମସାଗର ପରିଦର୍ଶନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂରୂପେଶ କୁମାର ପାଣିଗ୍ରାହୀ ଓ ସନ୍ଧ୍ୟା ସମୟରେ ବିଧାୟକ ରାମସାଗରର ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ ସହ ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ରାମସାଗର ପାରଳାଖେମୁଣ୍ଡି ରାଜାରାଜୁଡା ଅମଳରେ ଜମିକୁ ଜଳସେଚନ ଲାଗି ନିର୍ମାଣ କରାଯାଇଥିଲା ବିଶେଷ କରି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଜମିକୁ ଜଳସେଚନ ବ୍ୟବସ୍ଥା ପାଇଁ ସୁଚିନ୍ତିତ ଯୋଜନା କରିଯାଇଛନ୍ତି । ତେବେ ଏହି ବୃହତ୍ତ ଜଳାଶୟ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବେଳେ ପୂର୍ବ ସରକାର ମୁଖ୍ୟ କରି ଗୋଷାଣି ବ୍ଲକର ତିନୋଟି ବୃହତ ଜଳାଶୟର ପୁନରୁଦ୍ଧାର କରିଥିଲେ । ସେଥି ମଧ୍ୟରେ ରାମସାଗର ବୃହତ ଜଳାଶୟ କାମ ଠିକା ନେଇଥିବା ଠିକାଦାର ଜଣକ ସଠିକ୍ ଭାବେ କାର୍ଯ୍ୟ କରିନଥିବା ଯୋଗୁଁ ଏହା ଏବେ ପୁନରୁଦ୍ଧାର ପୂର୍ବାବସ୍ଥାକୁ ଫେରିବାକୁ ବସିଛି । ଯାହାକି ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀଙ୍କ ଠାରୁ ଶୁଣି ହଠାତ୍ ରାମସାଗର ଜଳାଶୟ ଗସ୍ତ କରିଛନ୍ତି । ରାମ ସାଗର ଅଞ୍ଚଳରେ ଚାଷୀମାନଙ୍କ ପନିପରିବା ବିକ୍ରୀ ବଟୟଲାଗି ଏକ ଭେଣ୍ଡି ଭେଣ୍ଡିଂ ଜୋନ୍ କରାଯିବା, ପର୍ଯ୍ୟଟନର ବିକାଶ କରାଯାଇ ବୋଟିଂ ବୋଟିଂ ଆଦି ଆଦି କରିବା, ସେହିଭଳି ଏହି ସାଗର ଅଞ୍ଚଳରେ ରିଙ୍ଗରୋଡ ପାଇଁ ପ୍ରସ୍ତାବ ରହିଛି ଏସବୁ ଦିଗ ଉପରେ କାର୍ଯ୍ୟ କରିଲେ ଏହାର ବିକାଶ ହେବ ବୋଲି କହିଛନ୍ତି ।

## କୁକୁଡ଼ା ଫାର୍ମରେ ଖାଦ୍ୟ ଟ୍ରଲି ଖସି ତିନି ଗୁରୁତର

ଆସିକା (ମହାଭାରତ):ଆସିକା ବ୍ଲକ କୋଟିନଡ଼ା ଥାନା ବଡଖୋଲି ପଞ୍ଚାୟତ ଅଧୀନ ଏକ କୁକୁଡ଼ା ଫାର୍ମରେ କୁକୁଡ଼ା ମାନଙ୍କୁ ଖାଦ୍ୟ ବିତରଣ କରୁଥିବା ଟ୍ରଲି ଖସିଯିବାରୁ ତିନି ଜଣ ଶ୍ରମିକ ଗୁରୁତର ହୋଇ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି । ପ୍ରକାଶ ଥାଉକି ବଡଖୋଲି ପଞ୍ଚାୟତ ଅଧୀନ ଆସିକା ବାଲିପଦର ମୁଖ୍ୟ ରାସ୍ତା କଡରେ ଥିବା ଏକ ପାଲ୍ୟୁଟାରୀ ଫାର୍ମରେ ପ୍ରତିଦିନ ଭଳି ଆଜି ମଧ୍ୟ କୁକୁଡ଼ା ମାନଙ୍କୁ ଏକ ଖାଦ୍ୟ ଦେବା ପାଇଁ ଲଗାଯାଇଥିବା ଟ୍ରଲିରେ ୪ କୁଇଣ୍ଟାଲ ଖାଦ୍ୟ ଭର୍ତ୍ତି କରି ଥିବା ବେଳେ ହଠାତ ଟ୍ରଲିଟି ଅସାବଧାନତା ଯୋଗୁଁ ଖସି ଯାଇଥିଲା ଫଳରେ ଉକ୍ତ କାର୍ଯ୍ୟରେ ନିୟୋଜିତ ତିନି ଜଣ ଶ୍ରମିକ ପାଣ୍ଡିଆ ପଥର ଗ୍ରାମର ସତ୍ୟ ଗୌଡ଼ (୪୦),ଯୁଧିଷ୍ଠିର ସେଠି (୫୮)ଓ ଭେଟନଇ ଗ୍ରାମର ସୂର୍ଯ୍ୟ ଦାସ ଗୁରୁତର ଆହତ ହୋଇ ପ୍ରଥମେ ଆସିକା ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନରିତ କରାଯାଇଛି ।

## ଗଜପତି ବିଜେଡିକୁ ବଡ଼ ଝଟକା

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଜିଲ୍ଲାପରିଷଦଙ୍କ ସମେତ କର୍ମୀ



ଗଜପତି(ମହାଭାରତ): ଆଉ କିଛି ମାସ ପରେ ଓଡ଼ିଶାରେ ଆଗାମୀ ପଞ୍ଚାୟତ ନିର୍ବାଚନ ତା ପୂର୍ବରୁ ତୃଣମୂଳ ସ୍ତରରେ ଗଜପତି ବିଜେଡିକୁ ଏକ ବଡ଼ ଝଟକା ଲାଗିଛି । ଜିଲ୍ଲାର କାଶୀନଗର ବ୍ଲକ, ଗୋଷାଣୀ ବ୍ଲକ, ଗୁମ୍ମା ବ୍ଲକ ଅଞ୍ଚଳର ସରପଞ୍ଚ, ନାଏବ ସରପ□,ସମିତି ସଦସ୍ୟ , ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଏବଂ କର୍ମୀ ବିଜୁ ଜନତା ଦଳ ଛାଡ଼ି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟି ରେ ଯୋଗଦେଇଛନ୍ତି । କାଶୀନଗର ଜୋନ୍ ନଂ ୧ର ଜିଲ୍ଲାପରିଷଦ ସଦସ୍ୟା ରକମ ରାଜଲକ୍ଷ୍ମୀ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଗୋଷାଣୀ ବ୍ଲକ ସ୍ଥିତ ଲିଙ୍ଗପୁର ଠାରେ ଏକ ମେଗା ଆୟୋଜିତ ମିଶ୍ରଣ ପର୍ବରେ ସେ ତାଙ୍କ ସମର୍ଥକଙ୍କୁ ନେଇ ପଦ୍ମ ଶିବିରରେ ଯୋଗ ଦେଇଥିବା ବେଳେ ବିଜେପିର ବରିଷ୍ଠ ନେତା ତାଙ୍କୁ ସ୍ୱାଗତ କରିଛନ୍ତି । ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟା ରାଜଲକ୍ଷ୍ମୀ କହିଛନ୍ତି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଆଦର୍ଶ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ ତାଙ୍କୁ ଆକୃଷ୍ଟ କରିଛି ତେଣୁ ସେ ବିଜେଡି ଛାଡ଼ି ବିଜେପି ରେ ଯୋଗଦେଲେ । ଆଗାମୀ ସମୟରେ ପ୍ରଧାନମନ୍ତ୍ରୀ ହାତ କୁ ଦୃଢ କରିବା ସହ ଭାରତୀୟ ଜନତା ପାର୍ଟି ର ବିକାଶ ର ଗାଥା କୁ ନେଇ ଲୋକ ଙ୍କ ପାଖରେ ପହଞ୍ଚିବେ ବୋଲି କହିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମ ବେଳେ ଗଜପତି ଜିଲ୍ଲା ସଭାପତି ନବ କିଶୋର ଶବର,ରାଜ୍ୟ ପ୍ରମୁଖ ନେତା ଅମିୟ ମହାପାତ୍ର, ରାଜ୍ୟ ଉପସଭାପତି କେ.ନାରାୟଣ ରାଓଙ୍କ ସମେତ ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ଯୁବ ନେତା ସାନପାଲା କିରଣ, ବରିଷ୍ଠ ନେତା ସି ଏଚ ସୀମାଦ୍ରୀ, ଯୁବ ନେତା କେ.ଜୀବନ ସହ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ର ସମସ୍ତ ମଣ୍ଡଳ ସଭାପତି ଓ ଯୁବ ସଭାପତି , ନଗର ସଭାପତି ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ଜଙ୍ଗଲରୁ ଝୁଲନ୍ତା ଶବ ଉଦ୍ଧାର

କରଞ୍ଜିଆ: କରଞ୍ଜିଆ ଥାନା ପାଟବିଲ ପଞ୍ଚାୟତ ର ବାଲିଭୋଳ ଗ୍ରାମର ରାମଚନ୍ଦ୍ର ଟୁଡୁ ହାଂସଦା କୌଣସି କାରଣରୁ ଗତ ୨୭ ତାରିଖ ନିଜ ସ୍ତ୍ରୀ ଜ୍ୟୋସ୍ନାରାଣୀ ବାସ୍କେ ଟୁଡୁଙ୍କୁ ହତ୍ୟା କରିବା ପରେ ଫେରାର ରହିଥିଲେ । ମୃତକଙ୍କ ସ୍ୱାମୀ କିନ୍ତୁ ସେହିଦିନ ସକାଳୁ ହିଁ କୁଆଡ଼େ ଜଙ୍ଗଲ ଆଡେ ପଳେଇଯାଇଥିବା ଖବର ମିଳିଲା ପରେ ଗ୍ରାମ ଲୋକଙ୍କ ଦ୍ୱାରା ଖୋଜାଖୋଜି ମଧ୍ୟ ଚାଲିଥିଲା । ଆଜି ସକାଳୁ ତାଙ୍କ ସ୍ୱାମୀଙ୍କ ଶବ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମିଳିଛି । ସେହି ଦିନ ହିଁ ସେ ଜଙ୍ଗଲକୁ ଯାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ତାଙ୍କ ପରିବାର ଲୋକଙ୍କ ରିପୋର୍ଟ ଆଧାରରେ ଅନ୍ୟ ଏକ ଅପମୃତ୍ୟୁ ମାମଲା ୨୨/୨୬ ରୁଜୁ କରି ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଥିଲା । ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣାର ତଦନ୍ତରୁ ଯାହା ଜଣାପଡୁଛି ଯେ ଉକ୍ତ ୨୭ ତାରିଖ ସକାଳୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇ ଥିବା ଓ ସ୍ୱାମୀ ସ୍ତ୍ରୀଙ୍କୁ ପିଟାପିଟି କରିଥିବା ଜଣାପଡୁଛି । ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କ ମୃତ୍ୟୁ ହେବାପରେ ସ୍ୱାମୀ ଘଟଣା ସ୍ଥଳରୁ ଫେରାର ହୋଇ ଯାଇ ଜଙ୍ଗଲରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।

## ପ୍ରତିଭାଙ୍କୁ ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ଆଠମଲ୍ଲିକ,:ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡରେ କାର୍ଯ୍ୟରତ ଅଗ୍ରଣୀ ସାମ୍ବାଦିକ ସଂଗଠନ ବାବା ଧବଳେଶ୍ୱର ୱେବ ମିଡ଼ିଆ ମହାସଂଘ’ ପକ୍ଷରୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ନୁଁନୁକାପଶି ପଂଚାୟତ ଅନ୍ତର୍ଗତ ବଇଣ୍ଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ମହାସମାରୋହ ଓ ଉତ୍ସାହର ସହ ପାଳିତ ହୋଇଛି । ମହୋତ୍ସବର ପ୍ରାରମ୍ଭରେ ନିମନ୍ତ୍ରିତ ଅତିଥିମାନେ ଆନୁଷ୍ଠାନିକ ଭାବେ ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ବିଦ୍ୟାଦାତା ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇ ୫ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ସଭାମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ କରାଯାଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା । ମହାସଂଘର ସ୍ଥାୟୀ ସଭାପତି କରୁଣାକର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ । ମୁଖ୍ୟ ଅତିଥି ହଣ୍ଡପା ଥାନା ଭାରପ୍ରାପ୍ତ ଅଧିକାରୀ ରାଜେଶ କୁମାର ଶତପଥି ମୁଖ୍ୟବକ୍ତା ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଚିଦାନନ୍ଦ ଦେହୁରୀ ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ସାହୁ ଅନୁଗୋଳ ଜିଲ୍ଲା ସାମ୍ବାଦିକ ୟୁନିୟନ ସଭାପତି ଅଜିତ ଧର ବିଲେଇନାଳି ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିକ କୁମାର ଜେନା,କିଶୋରନଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଙ୍ଗୁଲୁ ପ୍ରଧାନ, ଲୁହାମୁଣ୍ଡା ମା ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅରୁଣ କୁମାର ସାହୁ,ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ ଚେୟାରମ୍ୟାନ ପ୍ରିୟରଞ୍ଜନ ସାହୁ, ସମାଜସେବୀ ଶତ୍ରୁଘନ ସାହୁ ।

## ନିଟ୍, ସିବିଏସଇ ପରେ ସିୟୁଇଟି : ପରୀକ୍ଷାରେ ବିଭ୍ରାଟକୁ ନେଇ ଅଡୁଆରେ କେନ୍ଦ୍ର ସରକାର, ସ୍ପଷ୍ଟୀକରଣ ରଖିଲା ଏନଟିଏ

ନୂଆଦିଲ୍ଲୀ: ଦେଶର ବିଭିନ୍ନ କେନ୍ଦ୍ରରେ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ ସିୟୁଇଟି-ୟୁଜି ୨୦୨୬ ପରୀକ୍ଷା ବିଳମ୍ବକୁ ନେଇ ଶନିବାର ସାରା ଦେଶରେ ବିବାଦ ହୋଇଛି । ପରୀକ୍ଷାରେ ଆୟୋଜନରେ ତ୍ରୁଟିକୁ ନେଇ କେନ୍ଦ୍ର ସରକାର ପୁଣି ଥରେ ରାଜନୈତିକ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି । ବିରୋଧୀଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରାଯିବା ପରେ ଏନଟିଏ 'ଯାନ୍ତ୍ରିକ ତ୍ରୁଟି'କୁ ଦାୟୀ କରିଛି ।



ଆମ ଆଦମୀ ପାର୍ଟି ନେତ୍ରୀ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ ସିୟୁଇଟି ବିଳମ୍ବକୁ ଜାତୀୟ ସ୍ତରର ପରୀକ୍ଷା ପରିଚାଳନାରେ ଆଉ ଏକ ଅବ୍ୟବସ୍ଥା ବୋଲି କହିଛନ୍ତି । ସେ ଏକ୍ସରେ ପୋଷ୍ଟ କରି କହିଛନ୍ତି, 'ପ୍ରଥମେ ନିଟ୍, ତା'ପରେ ସିବିଏସଇ, ଏବେ ସିୟୁଇଟି' । ଏହା ସହିତ ସେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ସିବିଏସଇ ଦ୍ୱାଦଶ ଶ୍ରେଣୀର ମାର୍କିଂ ସିଷ୍ଟମକୁ ନେଇ ଚାଲିଥିବା ବିବାଦ ଆଡ଼କୁ ଆଙ୍ଗୁଠି ନିର୍ଦ୍ଦେଶ କରିଛନ୍ତି ।

କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି । ଏହି ଅବ୍ୟବସ୍ଥା ତାଲିକାରେ ସେ ଷ୍ଟାଫ୍ ସିଲେକ୍ସନ କମିଶନ ପରୀକ୍ଷାକୁ ମଧ୍ୟ ସାମିଲ କରିଛନ୍ତି । ଏକ୍ସରେ ଲେଖିଛନ୍ତି, 'ନିଟ୍, ସିବିଏସଇ, ଏସଏସସି ଏବଂ ଆଜି ସିୟୁଇଟି । ଚାରୋଟି ପରୀକ୍ଷା, ଏକ କୋଟି ପିଲା । ଗୋଟିଏ ହେଲେ ପରୀକ୍ଷା ସ୍ୱଚ୍ଛତାର ସହ କରାଯାଇ ନାହିଁ ।'

ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିଶ୍ୱଗୁରୁ' ଦାବିକୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ବର୍ବାଦ କରିଦେଇଛନ୍ତି । କହିଛନ୍ତି, 'ଯେଉଁ ପିଢ଼ିର ଭବିଷ୍ୟତ ଆପଣ ନଷ୍ଟ କରୁଛନ୍ତି, ସେହି ପିଢ଼ି ହିଁ ଆପଣଙ୍କ ହିସାବ କରିବେ ।' । ଏହାସହ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଆତିଶୀଙ୍କ ପୋଷ୍ଟକୁ ସେୟାର କରି ଲେଖିଛନ୍ତି, 'ଦେଶକୁ ଜଣେ ଶିକ୍ଷିତ ପ୍ରଧାନମନ୍ତ୍ରୀ ଦରକାର ।'

ପରୀକ୍ଷାରେ ଅବ୍ୟବସ୍ଥାକୁ ନେଇ ଏନଟିଏ ଲଗାତାର ବିବାଦରେ ରହିଛି । ଏନଟିଏ ପାଇଁ ଗତ କିଛି ସପ୍ତାହ ମଧ୍ୟରେ ସିୟୁଇଟି ତ୍ରୁଟି ଦ୍ୱିତୀୟ ବଡ଼ ଝଟକା । ଗତ ମେ' ୩ରେ ଅନୁଷ୍ଠିତ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ଅନିୟମିତତା ଅଭିଯୋଗ ଯୋଗୁଁ ବାତିଲ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ସହ ଜୁନ୍ ୨୧ ତାରିଖରେ ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃ ପରୀକ୍ଷା କରିବାକୁ ଦିନ ଧାର୍ଯ୍ୟ କରିଛି । ଆତିଶୀ ଏବଂ ସୌରଭ ଭରଦ୍ୱାଜଙ୍କ ଭଳି ବିରୋଧୀ ନେତାମାନେ ପରୀକ୍ଷା କେନ୍ଦ୍ର ବାହାରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳାର ଭିଡିଓ ସେୟାର କରି ସରକାରଙ୍କ ଅପାରଗତାକୁ ନିନ୍ଦା କରିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବଶ୍ୟ ସିବିଏସଇ ତ୍ରୁଟି ପାଇଁ ନିଜେ 'ସମ୍ପୂର୍ଣ୍ଣ ଦାୟିତ୍ୱ' ନେଇଛନ୍ତି ଏବଂ ସୁରୁଖୁରୁରେ ସବୁ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି । ଅନ୍ୟପଟେ, ନିକଟରେ ଅନୁଷ୍ଠିତ ଏସଏସସି ଜିଡି କନଷ୍ଟେବଲ ପରୀକ୍ଷାକୁ ନେଇ ମଧ୍ୟ ବିବାଦ ହୋଇଛି । ବ୍ୟାପକ ସର୍ଭର କ୍ରାଶ୍, ସିଟିଂ କ୍ଷମତାର ଭୁଲ ହିସାବ ଏବଂ ଗ୍ରେଟର ନୋଏଡାରେ ଏକ ହାଇଟେକ୍ କପି ଗ୍ୟାଙ୍ଗ ଧରାପଡ଼ିବା ପରେ ଏସଏସସି ମଧ୍ୟ ବିବାଦ ଘେରକୁ ଆସିଥିଲା । ଯାହାଫଳରେ କିଛି ସିଫ୍ଟର ପରୀକ୍ଷା ବାତିଲ କରିବାକୁ ପଡ଼ିଥିଲା ।

ସିୟୁଇଟିକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଦେଖାଦେଇଥିବା ଆଶଙ୍କା ଉପରେ ପ୍ରତିକ୍ରିୟା ରଖି ଏନଟିଏ ଏକ ସ୍ପଷ୍ଟୀକରଣ ଜାରି କରିଛି । ଏଜେନ୍ସି କହିଛି ଯେ ସେମାନଙ୍କର ଟେକ୍ନିକାଲ ପାର୍ଟନର 'ଟାଟା କନସଲଟାନ୍ସି ସର୍ଭିସେସ୍'ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ କିଛି କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାରେ ବିଳମ୍ବ ହୋଇଥିଲା । ପରେ ଏହି ସମସ୍ୟାର ସମାଧାନ କରାଯାଇଥିଲା ଏବଂ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ସମୟ ଦିଆଯାଇଥିଲା । ବିଳମ୍ବ ଯୋଗୁଁ ଦ୍ୱିତୀୟ ସିଫ୍ଟର ସମୟ ଅପରାହ୍ନ ୩ଟା ବଦଳରେ ୪ଟାକୁ ଘୁଞ୍ଚାଇ ଦିଆଯାଇଥିଲା । ଏନଟିଏ ଏହି ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିବା ସହ ହେଲ୍ପଲାଇନ ନମ୍ବର (୯୧-୧୧-୪୦୭୫୯୦୦୦) ଏବଂ ଇମେଲ୍ ଜାରି କରିଛି ।

## ଦିଲ୍ଲୀରେ ହୋଇଥାନ୍ତା ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ: ୯ ଗିରଫ



ନୂଆଦିଲ୍ଲୀ: ଦେଶ ବର୍ତ୍ତମାନ ଆର୍ଥିକ ସଂକଟ ଦେଇ ଗତି କରୁଥିବା ବେଳେ ପାକିସ୍ତାନ ସୀମା ସେପଟୁ ଷଡ଼ଯନ୍ତ୍ର କରି ଭାରତରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ଚେଷ୍ଟା ଚଳାଇଛି । ନୂଆଦିଲ୍ଲୀରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଛି ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ । ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡର ଦାଉଦ ଇବ୍ରାହିମ ନେଟୱାର୍କ ସହ ଜଡ଼ିତ ଏକ ବଡ଼ ଆତଙ୍କବାଦୀ ମଡ୍ୟୁଲର ପର୍ଦ୍ଦାଫାଶ କରାଯାଇଛି । ଏହି ମାମଲାରେ ସ୍ପେଶାଲ ସେଲ୍ ୯ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ମାରାତ୍ମକ ଅସ୍ତ୍ରଶସ୍ତ୍ର, ହ୍ୟାଣ୍ଡ ଗ୍ରେନେଡ୍ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କରିବା ଯୋଜନା ଚାଲିଥିଲା । ପାକିସ୍ତାନୀ ପ୍ରଶାସନ ଓ ଆଇଏସଆଇ ଦୀର୍ଘ ଦିନରୁ ଏହି ମଡ୍ୟୁଲ୍ ପ୍ରସ୍ତୁତ କରୁଥିଲେ । ଗିରଫ ହୋଇଥିବା ଆତଙ୍କବାଦୀମାନଙ୍କୁ ଦିଲ୍ଲୀର କିଛି ପ୍ରମୁଖ ସ୍ଥାନକୁ ଟାର୍ଗେଟ୍ କରିବାକୁ ଦାୟିତ୍ୱ ଦିଆଯାଇଥିଲା । ଏମାନେ ରାଜଦାନୀର କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠା, ସୁରକ୍ଷା କର୍ମୀ ଓ ସେନା ବାହିନୀ, ପ୍ରମୁଖ ଧାର୍ମିକ ସ୍ଥଳୀ ଉପରେ ଆଟାକ କରିବାକୁ ଏମାନେ ଷଡ଼ଯନ୍ତ୍ର ରଚିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ହୋଇଥିବା ୯ ଜଣ ସଦସ୍ୟଙ୍କ ମଧ୍ୟରେ କିଛି ମୂଳ ନେପାଳୀ ବାସିନ୍ଦା ଅଛନ୍ତି, ଏମାନେ ଏହି ଆତଙ୍କବାଦୀ ନେଟୱାର୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ ବୋଲି ଜଣାପଡ଼ିଛି । ଏମାନେ ସମସ୍ତେ ପାକିସ୍ତାନ ସମର୍ଥିତ ହ୍ୟାଣ୍ଡଲର ଏବଂ ମୁମ୍ବାଇ ଅଣ୍ଡରୱାର୍ଲ୍ଡ (ଦାଉଦ୍ ନେଟୱାର୍କ)ର ସକ୍ରିୟ ଅପରେଟିଭ୍‌ମାନଙ୍କ ସହ ସ୍ପଷ୍ଟ ସମ୍ପର୍କରେ ଥିଲେ । ତେବେ ତା' ପୂର୍ବରୁ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଏସବୁର ପର୍ଦ୍ଦାଫାସ କରିବା ସହିତ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଏବଂ ଗ୍ରେନେଡ୍ ଜବତ କରିଛି । ଫଳରେ ଦିଲ୍ଲୀ ଉପରୁ ଏକ ବଡ଼ ବିପଦ ଟଳିଯାଇଛି ବୋଲି ପୋଲିସ କହିଛି ।

ଏହି ସଫଳତା ପଛରେ ନିକଟରେ ହୋଇଥିବା ଏକ ବଡ଼ ଆନ୍ତର୍ଜାତୀୟ କାର୍ଯ୍ୟାନୁଷ୍ଠାନର ସମ୍ପର୍କ ଥିବା ଜଣାପଡ଼ିଛି । ମାସକ ତଳେ ଦାଉଦ ଇବ୍ରାହିମର ସବୁଠାରୁ ବିଶ୍ୱସ୍ତ ଏବଂ ଡି-କମ୍ପାନୀର ଡ୍ରଗ୍ସ ସାମ୍ରାଜ୍ୟ ବୁଝୁଥିବା ମୁଖ୍ୟ ସହଯୋଗୀ ମହମ୍ମଦ ସଲିମ ଡୋଲାକୁ ତୁର୍କୀର ଇସ୍ତାନବୁଲରୁ ଗିରଫ କରି ଭାରତ ଅଣାଯାଇଥିଲା ।

ସଲିମ ଡୋଲାକୁ ଦିଲ୍ଲୀ କୋର୍ଟରେ ହାଜର କରାଯାଇ ମୁମ୍ବାଇର ଏକ ଡ୍ରଗ୍ସ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋକୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଦିଆଯାଇଥିଲା । ପୂର୍ବରୁ ମୁମ୍ବାଇର କୁର୍ଲା ଅଞ୍ଚଳରୁ ଗିରଫ ହୋଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ ଯେ ସେମାନେ ଡୋଲାର ନିର୍ଦ୍ଦେଶରେ କାମ କରୁଥିଲେ, ଯାହା ପରେ ୧୨୬ କିଲୋଗ୍ରାମ ମେଫେଡ୍ରୋନ ଏବଂ ୨୫.୨୨ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ସଲିମ ଡୋଲାର ଗିରଫଦାରୀ ପରେ ହିଁ ଦାଉଦ୍‌ର ହାୱାଲା କାରବାର ଏବଂ ସ୍ଲିପର ସେଲ୍ ଗୁଡ଼ିକ ବିଷୟରେ ଅନେକ ଗୁପ୍ତ ତଥ୍ୟ ପୋଲିସ ହାତରେ ଲାଗିଛି । ଏହି ସିକ୍ୟୁରିଟି ଆଲର୍ଟ ଏବଂ 'ଅପରେସନ୍ ସିନ୍ଦୂର' ପରେ, ଦିଲ୍ଲୀ ପୋଲିସ କମିଶନର ସତୀଶ ଗୋଲଚା ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ଦିଲ୍ଲୀର ପ୍ରତ୍ୟେକ ପୋଲିସ ଷ୍ଟେସନରେ ସ୍ୱତନ୍ତ୍ର କାଉଣ୍ଟର-ଟେରର୍ ୟୁନିଟ୍ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ୟୁନିଟ୍ ଗୁଡ଼ିକର ମୁଖ୍ୟ କାମ ହେବ, ସ୍ଥାନୀୟ ସ୍ତରରେ ଗୁପ୍ତ ସୂଚନା ସଂଗ୍ରହ କରିବା । ସନ୍ଦିଗ୍ଧ ଓ ରେଡିକାଲାଇଜ୍‌ଡ (ଉଗ୍ରପନ୍ଥୀ ଚିନ୍ତାଧାରା ସମ୍ପନ୍ନ) ବ୍ୟକ୍ତିଙ୍କ ଉପରେ ନଜର ରଖିବା । ବାହାରୁ ଆସୁଥିବା ଅସ୍ଥାୟୀ ଜନସଂଖ୍ୟାର ଯାଞ୍ଚ କରିବା । ସ୍ଥାନୀୟ ଗ୍ୟାଙ୍ଗଷ୍ଟର ଏବଂ ହାୱାଲା ଅପରେଟରମାନଙ୍କ ଗତିବିଧିକୁ ଟ୍ରାକ୍ କରିବା । ବର୍ତ୍ତମାନ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଗିରଫ ହୋଇଥିବା ଏହି ୯ ଜଣ ଆତଙ୍କବାଦୀଙ୍କ ପାଣ୍ଠି ସଂଗ୍ରହ, ନୂତନ ସଦସ୍ୟ ନିଯୁକ୍ତି ପ୍ରକ୍ରିୟା ଏବଂ ସେମାନଙ୍କୁ ସ୍ଥାନୀୟ ସ୍ତରରେ କିଏ ସାହାଯ୍ୟ କରୁଥିଲେ ସେ ନେଇ ଅଧିକ ଗଭୀର ତଦନ୍ତ ଜାରି ରଖିଛି ।

## ସରକାରୀ ଘର ଛାଡ଼ିବାକୁ ମନା କଲେ ରାବଡ଼ୀ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଖୋଲା ଚ୍ୟାଲେଞ୍ଜ



ପାଟନା : ବିହାର ରାଜନୀତିରେ ସରକାରୀ ବାସଭବନକୁ ନେଇ ବିବାଦ ଏବେ ତୀବ୍ର ରୂପ ଧାରଣ କରିଛି । ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଷ୍ଟ୍ରୀୟ ଜନତା ଦଳ (ଜଔଡ) ନେତ୍ରୀ ରାବଡ଼ୀ ଦେବୀ ନିଜର ପୁରୁଣା ସରକାରୀ ବାସଭବନ '୧୦ ସର୍କୁଲାର ରୋଡ୍' ଖାଲି କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି । ଶନିବାର ଦିଲ୍ଲୀରୁ ପାଟନା ଫେରିବା ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ସେ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି । ଆଜି (ଶନିବାର) ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ରାବଡ଼ୀ ଦେବୀ ଦିଲ୍ଲୀରୁ ପାଟନା ବିମାନବନ୍ଦରରେ ପହଞ୍ଚିବା ପରେ ସାମ୍ବାଦିକମାନେ ତାଙ୍କୁ ବଙ୍ଗଳା ଖାଲି କରିବା ନୋଟିସ ସମ୍ପର୍କରେ ପଚାରିଥିଲେ । ପ୍ରଥମେ ସେ ଏହାକୁ ଏଡ଼ାଇ ଯାଇଥିଲେ ମଧ୍ୟ ପରେ କ୍ଷୋଭର ସହ କଡ଼ା ଭାଷାରେ କହିଥିଲେ, 'ଫୋର୍ସ (ସୁରକ୍ଷା ବଳ) ପଠାଇ ଖାଲି କରିଦିଅନ୍ତୁ ।' ରାବଡ଼ୀ ଦେବୀଙ୍କ ଏହି ଗୋଟିଏ ଧାଡ଼ିର ଜବାବରୁ ସ୍ପଷ୍ଟ ଜଣାପଡୁଛି ଯେ, ସେ କୌଣସି ପରିସ୍ଥିତିରେ ବି ୧୦ ସର୍କୁଲାର ରୋଡ୍ ବାସଭବନ ଛାଡ଼ିବା ସପକ୍ଷରେ ନାହାନ୍ତି କିମ୍ବା ତାଙ୍କୁ ଆବଣ୍ଟିତ ହୋଇଥିବା ନୂଆ ବାସଭବନ '୩୯, ହାର୍ଡିଂ ରୋଡ୍'କୁ ଯିବାକୁ ଚାହୁଁନାହାନ୍ତି । ଏହି ସରକାରୀ ବଙ୍ଗଳା ଖାଲି କରିବା ପଛରେ ସରକାରୀ ନିୟମ ଓ ନୂତନ ଆବଣ୍ଟନ ପ୍ରକ୍ରିୟା ରହିଛି । ବିହାର ବିଧାନସଭା ନିର୍ବାଚନ ଶେଷ ହେବା ପରେ, ୨୫ ନଭେମ୍ବର ୨୦୨୫ରେ ଭବନ ନିର୍ମାଣ ବିଭାଗର ଆଦେଶ ସଂଖ୍ୟା ୧୨୨ ଅନୁଯାୟୀ ରାବଡ଼ୀ ଦେବୀଙ୍କୁ ୩୯ ହାର୍ଡିଂ ରୋଡ୍ ସ୍ଥିତ ଏକ ନୂଆ ସରକାରୀ ବାସଭବନ ପ୍ରଦାନ କରାଯାଇଥିଲା । ଏଥିପାଇଁ ତାଙ୍କୁ ଚିଠି ମଧ୍ୟ ପଠାଯାଇଥିଲା । ନୂଆ ବଙ୍ଗଳା ମିଳିବାର ପ୍ରାୟ ୬ ମାସ ବିତିଯାଇଥିଲେ ମଧ୍ୟ ରାବଡ଼ୀ ଦେବୀ ପୁରୁଣା ଘର ଖାଲି କରିନଥିଲେ । ଗତ ୨୭ ମେ ୨୦୨୬ରେ ଭବନ ନିର୍ମାଣ ବିଭାଗ ପକ୍ଷରୁ ୧୦ ସର୍କୁଲାର ରୋଡ୍ ବାସଭବନକୁ ବିହାରର ନୂତନ ମତ୍ସ୍ୟ, ଡାଏରୀ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ନନ୍ଦକିଶୋର ରାମଙ୍କୁ ଆବଣ୍ଟିତ କରାଯାଇଛି । ଏହା ପରେ ଶୁକ୍ରବାର (୨୯ ମେ) ଦିନ ବିଭାଗ ପକ୍ଷରୁ ରାବଡ଼ୀ ଦେବୀଙ୍କୁ ତୁରନ୍ତ ଘର ଖାଲି କରିବା ପାଇଁ ଅନ୍ତିମ ନୋଟିସ ଜାରି କରାଯାଇଛି । ଏହି ସରକାରୀ ବାସଭବନ ସହ ଲାଲୁ ପ୍ରସାଦ ଯାଦବ ଓ ରାବଡ଼ୀ ଦେବୀଙ୍କ ପରିବାରର ଅନେକ ସ୍ମୃତି ଜଡ଼ିତ ରହିଛି । ରାବଡ଼ୀ ଦେବୀ ଗତ ପ୍ରାୟ ୨୦ ବର୍ଷ ହେବ ଏହି ବଙ୍ଗଳାରେ ରହୁଛନ୍ତି । ନଭେମ୍ବର ୨୦୦୫ ବିଧାନସଭା ନିର୍ବାଚନରେ ଆରଜେଡିର ପରାଜୟ ପରେ ତାଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ କୋଟାରେ ଏହି ବିଶାଳ ବାସଭବନ ମିଳିଥିଲା । ୨୦୧୯ ମସିହାରେ ଯେତେବେଳେ ତେଜସ୍ୱୀ ଯାଦବ ନିଜ ବାସଭବନ ମାମଲାକୁ ନେଇ ପାଟନା ହାଇକୋର୍ଟ ଯାଇଥିଲେ, ସେତେବେଳେ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ କହିଥିଲେ ଯେ, କୌଣସି ପୂର୍ବତନ ମୁଖ୍ୟମନ୍ତ୍ରୀ ବା ଉପ-ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳା ରଖିପାରିବେ ନାହିଁ, କାରଣ ଏହା ଜନସାଧାରଣଙ୍କ ସମ୍ପତ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ, ୧୦ ସର୍କୁଲାର ରୋଡ୍ ବଙ୍ଗଳାକୁ ରାବଡ଼ୀ ଦେବୀଙ୍କୁ 'ବିହାର ବିଧାନ ପରିଷଦର ବିରୋଧୀ ଦଳ ନେତ୍ରୀ' ଭାବେ ଆବଣ୍ଟନ କରାଯାଇଥିଲା । ୨୦୨୫ ନିର୍ବାଚନ ପରେ ପରିସ୍ଥିତି ବଦଳିଛି ଏବଂ ନିୟମ ଅନୁସାରେ ତାଙ୍କୁ ନୂଆ ଘରକୁ ଯିବାକୁ କୁହାଯାଉଛି । ମାତ୍ର ରାବଡ଼ୀ ଦେବୀଙ୍କ ଜିଦ୍ ଏବଂ କଡ଼ା ଆଭିମୁଖ୍ୟ ଯୋଗୁଁ ଆଗାମୀ ଦିନରେ ବିହାରର ରାଜନୈତିକ ପାଣିପାଗ ଆହୁରି ସରଗରମ ହେବା ନିଶ୍ଚିତ ମନେ ହେଉଛି ।

## ପାକିସ୍ତାନରୁ ଫେରୁଥିବା ଶରଣାର୍ଥୀଙ୍କ ଟ୍ରକ ଓଲଟିଲା, ୧୮ ମୃତ, ୩୫ ଆହତ

ଆଫଗାନିସ୍ତାନ : ଆଫଗାନିସ୍ତାନରେ ଟ୍ରକ ଓଲଟିବା ଯୋଗୁଁ ଶରଣାର୍ଥୀଙ୍କ ଜୀବନ ଚାଲିଯାଇଛି । ଘଟଣାରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି । ଏମାନେ ସମସ୍ତେ ପାକିସ୍ତାନରୁ ଫେରୁଥିଲେ । ଘଟଣାରେ ଆହତ ହୋଇଥିବା ସମସ୍ତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ପୂର୍ବ ଆଫଗାନିସ୍ତାନର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ହୋଇଛି । ଏମାନେ ସବୁ ପାକିସ୍ତାନରୁ ଫେରୁଥିବା ଆଫଗାନ ଶରଣାର୍ଥୀଙ୍କୁ ନେଇ ଏକ ଟ୍ରକ ଯାଉଥିବା ବେଳେ ଓଲଟି ପଡିଥିଲା । ଘଟଣାରେ ୧୮ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏବଂ ପିଲା ରହିଛନ୍ତି । ମୃତକଙ୍କ ମଧ୍ୟରେ ୧୦ ପିଲା ଏବଂ ୫ ମହିଳା ରହିଛନ୍ତି । ତାଲିବାନ ସରକାର ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ଏହାସହିତ ପୀଡିତ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୩ରେ ପାକିସ୍ତାନ ଅବୈଧ ପ୍ରବାସୀଙ୍କୁ ନିର୍ବାସିତ କରୁଛି । ଦେଶ ଛାଡି ଯିବାକୁ ବାଧ୍ୟ କରୁଛି । ଏବେ ଇରାନ ମଧ୍ୟ ଆଫଗାନ ପ୍ରବାସୀଙ୍କୁ ନିଷ୍କାସିତ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରିଛି ।



## ଜୁନ୍ ୩ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଡିକେ ଶିବକୁମାର

କର୍ଣ୍ଣାଟକ : କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଡିକେ ଶିବକୁମାର । ଆସନ୍ତୁ ଜୁନ୍ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଡିକେ ଶିବକୁମାର । କର୍ଣ୍ଣାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହଲଟ ଶୁକ୍ରବାର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଇସ୍ତଫା ପତ୍ରକୁ ଗ୍ରହଣ କରିଛନ୍ତି । ଆସନ୍ତା ଜୁନ୍ ୩ ତାରିଖରେ ଶିବକୁମାର କର୍ଣ୍ଣାଟକର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ବେଙ୍ଗାଲୁରୁର ଲୋକଭବନ ଗ୍ଲାସ ହାଉସରେ ଏହି ଭବ୍ୟ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ।

## ଓଲଟିଲା ଟ୍ରାକ୍ଟର ଟ୍ରଲି, ୬ ମୃତ, ୪୦ରୁ ଅଧିକ ଆହତ

ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶରେ ଭୟଙ୍କର ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି । ଟ୍ରାକ୍ଟର ଟ୍ରଲି ଓଲଟିବା କାରଣରୁ ଏହି ଅଘଟଣ ଘଟିଛି । ଟ୍ରାକ୍ଟରର ମୋଟ୍ ୫୦ ଜଣ ଲୋକ ଥିଲେ । ସମସ୍ତେ ପୂଜା କରିବା ପାଇଁ ଏକ ଗାଁକୁ ଯାଉଥିଲେ । ଏହି ସମୟରେ ଟ୍ରାକ୍ଟର ଡ୍ରାଇଭର ନିୟନ୍ତ୍ରଣ ହରାଇ ଟ୍ରାକ୍ଟ ଟ୍ରଲି ଓଲଟିପଡିଥିଲା । ପୋଲିସ କହିବା ମୁତାବକ, ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାରେ ଏକ ଟ୍ରାକ୍ଟ ଟ୍ରଲି ଓଲଟିବା ଯୋଗୁଁ ୬ ଜଣଙ୍କ ଜୀବନ ଚାଲିଯାଇଛି । ଘଟଣାରେ ୪୦ରୁ ଅଧିକ ଆହତ ହୋଇଛନ୍ତି । ଶୁକ୍ରବାର ସନ୍ଧ୍ୟାରେ କରଣପଥାର ଥାନା ଅନ୍ତର୍ଗତ ବିଜୋରା ଗାଁ ନିକଟରେ ହୋଇଛି । ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଟ୍ରଲି ଓଲଟି ପଡିଥିଲା । ଘଟଣା ସ୍ଥଳରେ ୨ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୪ ଜଣ ମେଡିକାଲରେ ପ୍ରାଣ ହରାଇଛନ୍ତି । ଆହତଙ୍କ ଚିକିତ୍ସା ମେଡିକାଲ କଲେଜରେ କରାଯାଉଛି । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ଶୋକ ସମବେଦନା ଜଣାଇଛନ୍ତି । ଏହାସହିତ ମୃତକଙ୍କ ପରିବାକରୁ ୪-୪ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି ।

## ଭାରତୀୟ ଡାକ୍ତରଙ୍କ କମାଲ୍, ଚୀନ୍‌ରେ ବସି ହାଇଦ୍ରାବାଦରେ କଲେ ସଫଳ ସର୍ଜରୀ !

ନୂଆଦିଲ୍ଲୀ: ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା । ଚୀନ୍‌ରେ ବସି ଭାରତର ହାଇଦ୍ରାବାଦରେ ସଫଳ ଅପରେସନ୍ କଲେ ଡାକ୍ତର । ହାଇଦ୍ରାବାଦରେ ଜଣେ ମହିଳା ରୋଗୀଙ୍କର ଅପରେସନ୍ ପ୍ରାୟ ୩,୯ କିଲୋମିଟର ଦୂର ଚୀନ୍‌ର ଉହାନ ସହରରେ ବସି ଜଣେ ଭାରତୀୟ ଡାକ୍ତର ସଫଳତାର ସହ କରିଛନ୍ତି । ଏହି ବିରଳ ଏବଂ ଚମତ୍କାର ଅପରେସନ୍ ହାଇଦ୍ରାବାଦ ସ୍ଥିତ 'ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି' (ଇଓଘଟ) ର ବରିଷ୍ଠ ୟୁରୋଲୋଜି ଡାକ୍ତର ସୟଦ ମହମ୍ମଦ ଗୌସ ସମ୍ପାଦନ କରିଛନ୍ତି । ସେ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ଉହାନରେ ଥିଲେ । ୫୭ ବର୍ଷୀୟା ଜଣେ ମହିଳାଙ୍କର ମୂତ୍ରବାହୀ ନଳୀରେ ଅବରୋଧ ବା ୟୁରିଟିକ ଅବଷ୍ଟ୍ରାକସନ ଥିଲା । ଡାକ୍ତର ଗୌସ ଉହାନରେ ଥାଇ ଅତ୍ୟାଧୁନିକ ରୋବୋଟିକ୍ ପ୍ରଯୁକ୍ତିବିଦ୍ୟା ଓ କନସୋଲ୍ ସାହାଯ୍ୟରେ ସୁଦୂର ହାଇଦ୍ରାବାଦର ଅପରେସନ ଥିଏଟରରେ ଥିବା ମେସିନ୍‌କୁ ନିୟନ୍ତ୍ରଣ କରି ଏହି ଜଟିଳ ସର୍ଜରୀ କରିଥିଲେ । ଅପରେସନ ସମୟରେ ଯୋଗାଯୋଗ ଠିକ୍ ରଖିବା ଏବଂ କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ହାଇଦ୍ରାବାଦରେ ରୋଗୀଙ୍କ ନିକଟରେ ଜଣେ ସହଯୋଗୀ ଡାକ୍ତରୀ ଦଳଙ୍କୁ ମଧ୍ୟ ମୁତୟନ କରାଯାଇଥିଲା । ପିଟିଆଇ ରିପୋର୍ଟ ଅନୁଯାୟୀ, ଏହି ସମ୍ପୂର୍ଣ୍ଣ ଅପରେସନ୍ ପ୍ରକ୍ରିୟା ସଫଳ ହୋଇଥିଲା ଏବଂ ଏହାକୁ ଶେଷ କରିବା ପାଇଁ ମାତ୍ର ୯୦ ମିନିଟ୍ ସମୟ ଲାଗିଥିଲା । ସର୍ଜରୀ ପରେ ମହିଳା ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି । ସେପଟେ ଏଆଏନୟୁର ରୋବୋଟିକ୍ ଏବଂ ମିନିମାଲ୍ ଆକ୍ସେସ୍ ୟୁରୋଲୋଜିକାଲ୍ ସର୍ଜରି ବିଭାଗର ନିର୍ଦ୍ଦେଶକ ଡାକ୍ତର ଗୌସ ଏହି ରୋଗ ଏବଂ ଅପରେସନ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହା ହେଉଛି ଏକ ସୂକ୍ଷ୍ମ ନଳୀ ଯାହା ଶରୀରର କିଡନୀକୁ ମୂତ୍ରାଶୟ ସହ ଯୋଡ଼ିଥାଏ । ମହିଳା ରୋଗୀଙ୍କ କ୍ଷେତ୍ରରେ ଏହି ନଳୀଟି ସମ୍ପୂର୍ଣ୍ଣ ବ୍ଲକ୍ ବା ବନ୍ଦ ହୋଇଯାଇଥିଲା । ଏହି ଅପରେସନ୍ ମାଧ୍ୟମରେ ସେହି ଅବରୋଧକୁ ହଟାଇ ମୂତ୍ରବାହୀ ନଳୀକୁ ମୂତ୍ରାଶୟ ସହିତ ପୁନର୍ବାର ଏକ ନୂଆ ଉପାୟରେ ଯୋଡ଼ାଗଲା । ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ ଟକ୍ସରଟେରିକ ରିମପ୍ଲ□ସନ କୁହାଯାଏ । ଡାକ୍ତର ଗୌସ ଜଣାଇଛନ୍ତି ଯେ, ସାଧାରଣତଃ ସେମାନେ ନିଜ ହସ୍ପିଟାଲର ଅପରେସନ ଥିଏଟରରେ ରୋବୋଟିକ୍ ସାହାଯ୍ୟରେ ଏଭଳି ସର୍ଜରୀ ନିୟମିତ ଭାବେ କରନ୍ତି । ମାତ୍ର ଏଥର ଚୀନର ଉହାନରେ ଆୟୋଜିତ ସମ୍ମିଳନୀରେ ସାରା ବିଶ୍ୱରୁ ଆସିଥିବା ୪-୫ ଜଣ ଅନ୍ୟ ସର୍ଜନ ମଧ୍ୟ ଉପସ୍ଥିତ ଥିଲେ, ଯେଉଁମାନେ ସେଠାରେ ବସି ନିଜ ନିଜ ଦେଶରେ ଥିବା ରୋଗୀଙ୍କର ଟେଲି-ସର୍ଜରୀ କରିଥିଲେ । ସେହି କ୍ରମରେ ଡାକ୍ତର ଗୌସ ମଧ୍ୟ ଭାରତରେ ଥିବା ରୋଗୀଙ୍କର ସଫଳ ଚିକିତ୍ସା କରି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି ।



# ଗୁଜରାଟକୁ ଫାଇନାଲ ଟିକେଟ ଦେଲେ ଗିଲ୍

**ନ୍ୟୁ ଚଣ୍ଡିଗଡ଼,୩୦।୫(ଏଜେନ୍ସି):** ଗୁଜରାଟ ଟାଇଟନ୍ସକୁ ଦରକାର ଥିବା ବେଳେ ଅଧିନାୟକ ଶୁବମନ ଗିଲ ସାମ୍ନାରେ ରହି ଲଇ କଲେ। ସେ ଦମଦାର ବ୍ୟାଟିଂ ସହ ଶତକ ହାସଲ କରି ନିଜ ଦଳ ଗୁଜରାଟକୁ ଆଇପିଏଲ ୨୦୨୬ର ଫାଇନାଲ ଟିକେଟ ଦେଇଛନ୍ତି।

ଶୁକ୍ରବାର ଆଇପିଏଲ ୨୦୨୬ର ଦ୍ୱିତୀୟ କ୍ୱାଲିଫାୟରରେ ରାଜସ୍ଥାନ ରୟାଲ୍ସକୁ ଗୁଜରାଟ

- **ରାଜସ୍ଥାନ ରୟାଲ୍ସ ୨୧୪/୬**
- **ଗୁଜରାଟ ଟାଇଟନ୍ସ ୨୧୯/୩**
- **ବୈଭବଙ୍କ ବିସ୍ଫୋରକ ୯୬ ବେକାର**

୭ ୱିକେଟରେ ହରାଇ ଦେଇଛି। ଆଉ ଏହି ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି କ୍ୟାପ୍ଟେନ ଗିଲ୍। ଗୋଟିଏ ବିଶାଳ ଟାର୍ଗେଟକୁ ନକଆଉଟ ମ୍ୟାଚ୍‌ରେ ଗୁଜରାଟ ଚେଜ କରୁଥିଲା। ଏତିକି ବେଳେ ଗିଲ ମାତ୍ର ୪୭ ବଲରେ ଶତକ ମାରି ପୂରା ମ୍ୟାଚ୍‌କୁ ଏକତରଫା କରି ଦେଇଛନ୍ତି।

ଏହା ତାଙ୍କ ଆଇପିଏଲ କ୍ୟାରିୟରର ୫ମ ଶତକ। ଏହି ସେଞ୍ଚୁରୀ ପରେ ସେ ସଞ୍ଜୁ ସାମସନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ସେହିପରି ଗୁଜରାଟ ପାଇଁ ସେ ଦ୍ରୁତତମ ଶତକଧାରୀ ମଧ୍ୟ ହୋଇ ଯାଇଛନ୍ତି। ଆଇପିଏଲ ପ୍ଲେ ଅଫରେ ଏହି ଶତକ ମଧ୍ୟ ଗୋଟିଏ ରେକର୍ଡ।

ଗିଲ ପ୍ରଥମ ଅଧିନାୟକ ଭାବେ ଆଇପିଏଲର କୌଣସି ନକଆଉଟରେ ଶତକ ମାରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ପୂର୍ବରୁ ସେ ୨୦୨୩ ଆଇପିଏଲ କ୍ୱାଲିଫାୟର ୨ରେ ୧୨୯ ରନର ଇନିଂସ ଖେଳିଥିଲେ। ସେହି ମ୍ୟାଚ୍‌ରେ ସେ ୪୯ଟି ବଲରେ ଶତକ ମାରିଥିଲେ। କିନ୍ତୁ ରାଜସ୍ଥାନ ବିପକ୍ଷ ଶୁକ୍ରବାର ମ୍ୟାଚ୍‌ରେ ମାତ୍ର ୪୭ଟି ବଲରୁ ତାଙ୍କ ବ୍ୟାଟରୁ ବାହାରିଛି ଶତକ।

ନିଜ ଜନ୍ମ ସ୍ଥାନର ଉପକଣ୍ଠ ଅର୍ଥାତ ମୁଲ୍ଲାନପୁରେ ଶୁକ୍ରବାର ଖେଳୁଥିବା ଗିଲ ଆରମ୍ଭରୁ ଶେଷ ଯାଏ ପୂରା ଇନିଂସକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ସେ ରବୀନ୍ଦ୍ର ଜାଡେଜଙ୍କୁ ଚୌକା ମାରି ନିଜର ଶତକ ହାସଲ କରିବା ସହ ଗୁଜରାଟର ରେକର୍ଡ ବିଜୟକୁ ମଧ୍ୟ ନିଶ୍ଚିତ କରିଥିଲେ।



ଏଥିସହ ଆଇପିଏଲର ପ୍ଲେ ଅଫରେ ଦୁଇ ଥର ଶତକୀୟ ଇନିଂସ ଖେଳିଥିବା ପ୍ରଥମ ଖେଳାଳି ମଧ୍ୟ ଗିଲ ବନି ଯାଇଛନ୍ତି।

କ୍ୟାପ୍ଟେନ ଭାବେ ଏହା ଗିଲଙ୍କ ଦ୍ୱିତୀୟ ଶତକ। ଏହି ତାଲିକାର ପ୍ରଥମ ସ୍ଥାନରେ ବିରାଟ କୋହଲି(୫) ଓ କେଏଲ ରାହୁଲ(୩) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଆଇପିଏଲରେ ସର୍ବାଧିକ ଶତକ ହାସଲ କରିବା ମାମଲାରେ ସେ ସାମସନଙ୍କ ସମକକ୍ଷ ହୋଇଛନ୍ତି। ସାମସନ ଆଇପିଏଲ କ୍ୟାରିୟରରେ ଏଯାଏ ୫ଟି ଶତକ ମାରିଛନ୍ତି। ଗିଲଙ୍କ ଆଇପିଏଲ ଶତକ ସଂଖ୍ୟା ମଧ୍ୟ ୫ରେ ପହଞ୍ଚି ଯାଇଛି। ସର୍ବାଧିକ ଆଇପିଏଲ ଶତକ ତାଲିକାରେ ମଧ୍ୟ ବିରାଟ(୯) ଏକ ନମ୍ବରରେ ରହିଛନ୍ତି। ତାଙ୍କ ପଛରୁ ଜୋଶ ବଟଲର(୭), କ୍ରିସ ଗେଲ୍(୬), କେଏଲ ରାହୁଲ(୬) ଅଛନ୍ତି।

ଶୁକ୍ରବାର ମ୍ୟାଚ୍ ଜିତିବା ପାଇଁ ଗୁଜରାଟକୁ ନିଜ ଇତିହାସର ସବୁଠାରୁ ରନ ଚେଜକୁ ପୂରଣ କରିବାର ଥିଲା। କାରଣ ଆଇପିଏଲ ଇତିହାସରେ ଗୁଜରାଟ କେବେ ବି ୨୦୦ରୁ ଅଧିକ ରନ ଚେଜ କରି ଜିତି ନଥିଲା। ଏପରି ସ୍ଥିତିରେ ରାଜସ୍ଥାନ ଦେଇଥିବା ୨୧୫ ରନର ଟାର୍ଗେଟ ଚ୍ୟାଲେଞ୍ଜିଂ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଗୁଜରାଟର ଦୁଇ ଓପନର ଶୁବମନ ଗିଲ ଓ ସାଇ ସୁଦର୍ଶନ ଏହାକୁ ବେଶ ସହଜ କରି ଦେଇଥିଲେ।ପ୍ରଥମ ଓଭରରେ ଉଭୟ ଜୋଫ୍ରା ଆର୍‌ଚରଙ୍କ ଓଭରରୁ ୧୯ ରନ ଆଦାୟ କରିଥିଲେ। ଏହାପରେ ପାୱାର ପ୍ଲେରେ ବିନା କୌଣସି କ୍ଷତିରେ ସେମାନେ ୬୯ ରନ ଯୋଡିଥିଲେ। ପାୱାର ପ୍ଲେର ପରବର୍ତ୍ତୀ ଓଭରରେ ଉଭୟ ଆଉ ୨୨ ରନ ଯୋଡିଥିଲେ। ୮ ଓଭର ଶେଷ ସୁଦ୍ଧା ଦଳୀୟ ସ୍କୋର ବିନା ୱିକେଟରେ ୯୧ରେ ପହଞ୍ଚି ଯାଇଥିଲା। ଗିଲ ପ୍ରଥମେ ୩୦ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ସୁଦର୍ଶନ ମଧ୍ୟ ୨୬ ବଲରେ ୫୦ ରନ ପୂରଣ କରିଥିଲେ। ଏଥିସହ ଚଳିତ ଆଇପିଏଲରେ ୭୦୦ ରନ ପୂରଣ କରିଥିଲେ। ପ୍ରଥମ ୱିକେଟ ପାଇଁ ୧୬୭ ରନ ଯୋଡି ଗିଲ ଓ ସୁଦର୍ଶନ ରାଜସ୍ଥାନ ହାତରୁ ମ୍ୟାଚ ଛଡାଇ ନେଇଥିଲେ। ପ୍ଲେ ଅଫରେ ଏହା ସର୍ବଶ୍ରେଷ୍ଠ ଭାଗିଦାରୀ। ଏହାପୂର୍ବରୁ ୨୦୧୧ ଆଇପିଏଲ ଫାଇନାଲରେ ମାଇକେଲ ହସି ଓ ମୁରଲୀ ବିଜୟ ୧୫୯ ରନର ଭାଗିଦାରୀ କରିଥିଲେ। ତେବେ ଦଳୀୟ ସ୍କୋର ୧୬୭ ରନ ରହିଥିବା ବେଳେ ସୁଦର୍ଶନ କ୍ରମାଗତ ଦ୍ୱିତୀୟ ଥର ପାଇଁ ହିଟ ୱିକେଟ ହୋଇଥିଲେ। ୩୨ ବଲରେ ୫୮ ରନର ଇନିଂସ ଖେଳିଥିବା ସୁଦର୍ଶନଙ୍କ ବ୍ୟାଟ ହାତରୁ ଖସି ସିଧା ୱିକେଟ ଉପରେ ପଡିବାରୁ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡିଥିଲା। କିନ୍ତୁ ଗିଲ ଶତକ ହାସଲ କରିବା ସହ ଦଳର ବିଜୟକୁ ନିଶ୍ଚିତ କରି ପ୍ୟାଭିଲିୟନ ଫେରିଥିଲେ।ଗିଲ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୧୮୨ ରହି ଥିଲା। ଏହାପରେ ୱାଶିଂଟନ ସୁନ୍ଦର ୯ ବଲରେ ୧୬ ରନ କରି ଆଉଟ ହୋଇଥିଲେ। ରାହୁଲ ତେୱାତିଆ ୯ ବଲରେ ୧୭ ଓ ବଟଲର ୯ ବଲରେ ୯ ରନ କରି ଅପରାଜିତ ରହିବା ସହ ଦଳକୁ ୮ ବଲ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ଛକା ମାରି ତେୱାତିଆ ମ୍ୟାଚ୍ ଶେଷ କରିଥିଲେ। ଗୁଜରାଟ ରବିବାର ଆରସିବି ସହ ଟ୍ରଫି ପାଇଁ ଟକ୍କର କରିବ।

ନ୍ୟୁ ଚଣ୍ଡିଗଡର ମୁଲାନପୁରସ୍ଥିତ ମହାରାଜା ଯଦବିନ୍ଦର ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ପ୍ରଥମ ଓଭରରେ ଯଶସ୍ୱୀ ଜୟସ୍ୱାଲ ଏବଂ ଦ୍ୱିତୀୟ ଓଭରରେ ଧ୍ରୁବ ଜୁରେଲଙ୍କୁ ହରାଇଥିଲା। ସ୍କୋର ୨ ରନ୍‌ରେ ଜୟସ୍ୱାଲ ଏବଂ ୯ ରନ୍‌ରେ ଜୁରେଲ ଆଉଟ୍ ହୋଇଥିଲେ। ଜୟସ୍ୱାଲ ୧ ରନ୍ ଏବଂ ଜୁରେଲ ୯ ରନ୍ କରିଥିଲେ। ରାଜସ୍ଥାନକୁ ପ୍ରାରମ୍ଭିକ ସମୟରେ ୨ଟି ଶକ୍ତ ଝଟକା ଲାଗିବା ପରେ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଏବଂ ରିୟାନ ପରାଗ ତୃତୀୟ ୱିକେଟ୍ ପାଇଁ ୯୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରିୟାନ ପରାଗ ୧୧ ରନ୍ କରିଥିଲେ। ସେ ୬ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନ ପାଇଁ ଯୁବ କ୍ରିକେଟ୍‌ର ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ବ୍ୟକ୍ତିଗତ ଭାବେ ଅପରାଜିତ ୪୫ ରନ୍ ସଂଗ୍ରହ କରିଥିଲେ। ସେ ୩୫ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଦୋନୋଭାନ ଫେରେରିଆଙ୍କ ବ୍ୟାଟରୁ ୩୮ ରନ୍ ସଂଗ୍ରହ ହୋଇଥିଲେ। ସେ ୧୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଗୁଜରାଟ ଟାଇଟନ୍ସ ପାଇଁ ଦ୍ରୁତ ବୋଲର କାଗିସୋ ରାବଡା ଏବଂ ଜେସନ ହୋଲଡର ୨-୨ ୱିକେଟ ନେଇଥିଲେ। ପ୍ରସିଦ୍ଧ କୃଷ୍ଣା ଏବଂ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ମାଲେସିଆକୁ ୨-୧ରେ ହରାଇଲା ଭାରତ




କାକାମିଘାରା,୩୦।୫(ଏଜେନ୍ସି): ଜାପାନର କାକାମିଘାରାଠାରେ ଆୟୋଜିତ ୧୮ ବର୍ଷରୁ କମ୍ଏସିଆ କପରେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି ଭାରତ। ଉଭୟ ବାଳକ ଓ ବାଳିକା ଦଳ ନିଜ ନିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।

ଶନିବାର ପୁଲ୍‘ଏ’ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ନୌସିନ୍ ନାଜ୍ ଦୁଇଟି ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିବା ପରେ ୧୯ ତମ ମିନିଟ୍‌ରେ ନୌସିନ୍ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରିବାକୁ ସଫଳ ହୋଇଥିଲେ। ଏହା ସହିତ ଭାରତ ୧-୦ରେ ଅଗ୍ରଣୀ ହୋଇଥିଲା। ୨୮ ତମ ମିନିଟ୍‌ରେ ପୁଣିଥରେ ନୌସିନ୍ ଆଉ ଏକ ଗୋଲ୍ ଦେଇ ସ୍କୋର୍‌କୁ ୨-୦କୁ ନେଇଯାଇଥିଲେ। ତେବେ ୪୧ତମ ମିନିଟ୍‌ରେ ମାଲେସିଆର ନୂର ଆଜ୍‌ଲି ଭାରତର ପ୍ରତିରକ୍ଷାକୁ ଭେଦ କରିବାକୁ ସଫଳ ହେବା ସହ ଏକ ଗୋଲ୍ ଦେଇଥିଲେ। ଏହା ସହିତ ସେ ବ୍ୟବଧାନକୁ ୨-୧କୁ କମାଇବାରେ ସଫଳ ହୋଇଥିଲେ। ଚତୁର୍ଥ କ୍ୱାର୍ଟରରେ ମାଲେସିଆର ଘନ ଘନ ଆକ୍ରମଣକୁ ଭାରତୀୟ ପ୍ରତିରକ୍ଷା ବିଫଳ କରିବା ସହ ମ୍ୟାଚ୍‌କୁ ଜିତିବାରେ ସଫଳ ହୋଇଥିଲା। ଦୁଇଟି ଗୋଲ୍ ପାଇଁ ନୌସିନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

ଶୁକ୍ରବାର ଭାରତୀୟ ବାଳକ ଦଳ ନିଜର ପ୍ରଥମ ମ୍ୟାଚ୍‌ରେ କାଜାଖସ୍ଥାନକୁ ଶୋଚନୀୟଭାବେ ୧୩-୦ରେ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଥିଲା। ଭାରତ ପକ୍ଷରୁ ଅଧିନାୟକ କେତନ କୁଶୱାହା ତିନୋଟି ଗୋଲ୍ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ସେହିପରି ପ୍ରହଲ୍ଲାଦ ରାଜଭର, ଆଶୀଷ ତାନି ପୂର୍ତ୍ତି, ଅଂଶ ବହୁର୍ତା, ଶାହରୁଖ ଅଲି ଦୁଇଟି ଲେଖାଏଁ ଏବଂ ଗାଜି ଖାଁ, ଆକାଶଦୀପ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

## ଜୋକୋଭିକ୍‌ଙ୍କୁ ହରାଇଲେ ୧୯ ବର୍ଷୀୟ ଫୋନ୍‌ସେକା

ପ୍ୟାରିସ୍: ବିଶ୍ୱର ନଂ୧ ଜାନିକ୍ ସିନର୍‌ଙ୍କ ବିଦାୟର ଦିନକ ପରେ ଫ୍ରେଞ୍ଚ ଓପନରେ ଆଉ ଏକ ବଡ଼ ଓଲଟପାଲଟ ହୋଇଛି। ଜଣେ ୧୯ ବର୍ଷୀୟ ତରୁଣ ଟେନିସ୍ କିମ୍ବଦନ୍ତୀ ନୋଭାକ୍ ଜୋକୋଭିକ୍‌ଙ୍କୁ ହରାଇଦେଇଛନ୍ତି। ଏହି ତରୁଣ ହେଉଛନ୍ତି ବ୍ରାଜିଲ୍‌ର ଜୋଆଓ ଫୋନ୍‌ସେକା।



ପ୍ରାୟ ଚାରି ଘଣ୍ଟା ୫୩ ମିନିଟ୍ ଧରି ଚାଲିଥିବା ଏହି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ ଫୋନ୍‌ସେକା ପ୍ରଥମ ଦୁଇଟି ସେଟ୍‌କୁ ୪-୬,୪-୬ରେ ହାରିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ତିନି ସେଟ୍‌କୁ ୬-୩,୭-୫, ୭-୫ରେ ଜିତି ଜୋକୋଭିକ୍‌ଙ୍କୁ ବିଦା କରିଥିଲେ। ଏହା ସହିତ ଏକ ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତାରେ ଜୋକୋଭିକ୍‌ଙ୍କୁ ହରାଇବାର ପ୍ରଥମ ‘ଟିନ୍‌ଏଜର’ ପାଲଟିଛନ୍ତି ଫୋନ୍‌ସେକା।

ଏହି ବିଜୟ ପରେ ସେ କହିଛନ୍ତି, “ମୁଁ ଜିତିବି ବୋଲି ଭାବୁ ନଥିଲି। ମୁଁ କେବଳ ଅଧିକ ସମୟ କୋର୍ଟରେ ରହିବାକୁ ଉପଭୋଗ କରୁଥିଲି। ଜଣେ କିମ୍ବଦନ୍ତି ଖେଳାଳିଙ୍କ ସହ କୋର୍ଟରେ ରହିବା ବେଶ ସମ୍ମାନର କଥା। ଏଣୁ ତାଙ୍କୁ ଧନ୍ୟବାଦ’’। ଏହି ବିଜୟକୁ ନିଜ ମା’ଙ୍କ ପ୍ରତି ସମର୍ପିତ କରିଛନ୍ତି ଫୋନ୍‌ସେକା।

# ଏସୀୟ କ୍ରୀଡା ଚୟନ ପାଇଁ ଟ୍ରାଏଲ ଦେଲେ ଫୋଗାଟ



ନୂଆଦିଲ୍ଲୀ,୩୦।୫(ଏଜେନ୍ସି): ଏସିଆନ୍ ଗେମ୍ସ ୨୦୨୬ ଚୟନ ପ୍ରକ୍ରିୟା ପାଇଁ ଆଜି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ଟ୍ରାୟଲ୍ସରେ ହାଇଡ୍ରାମା ଦେଖିବାକୁ ମିଳିଛି। ଷ୍ଟାର୍ ମହିଳା ପହିଲବାନ୍ ବିନେଶ ଫୋଗାଟ୍ ଟ୍ରାୟଲ୍ ଦେବାକୁ ପହଞ୍ଚିବା ପରେ ଓଜନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ତେବେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ )ର ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ ହୋଇଛି ଏବଂ ବିନେଶଙ୍କୁ ୫୩ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଗ୍ରୀନ୍ ସିଗନାଲ୍ ମିଳିଛି।

ଶନିବାର ସକାଳେ ଯେତେବେଳେ ବିନେଶ ଫୋଗାଟ୍‌ଙ୍କ ଓଜନ କରାଯାଇଥିଲା, ସେତେବେଳେ ତାଙ୍କୁ କେବଳ ୫୦ କେଜି ବର୍ଗରେ ଭାଗ ନେବାକୁ କୁହାଯାଇଥିଲା। ଏହାକୁ ନେଇ ବିନେଶ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ କୁସ୍ତି ମହାସଂଘ ତାଙ୍କ ସହ ପାତରଅନ୍ତର କରୁଥିବା ଅଭିଯୋଗ ଆଣିଥିଲେ। ପରିସ୍ଥିତି ଜଟିଳ ହେବାରୁ ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂହ ମଧ୍ୟସ୍ଥତା କରିଥିଲେ। ୫୩ କେଜି ବର୍ଗରେ ଏଣ୍ଟ୍ରି: ଓଜନ ମାପ ବେଳେ ବିନେଶଙ୍କ ଓଜନ ୫୩.୯ କେଜି ରହିଥିଲା। ଏହାକୁ ଆଧାର କରି ତାଙ୍କୁ ୫୩ କେଜି କାଟେଗୋରୀରେ ସାମିଲ କରାଯାଇଛି।

ମହାସଂଘର ସ୍ପଷ୍ଟୀକରଣ: ଏହି ପ୍ରସଙ୍ଗରେ ଡବ୍ଲୁଏଫ୍‌ଆଇ ସଭାପତି ସଞ୍ଜୟ ସିଂହ କହିଛନ୍ତି, ‘ଆମେ କାହା ପ୍ରତି ଭେଦଭାବ କରିବାକୁ ଚାହୁଁନାହୁଁ। ବିନେଶ ପୂର୍ବରୁ ସ୍ପଷ୍ଟ କରିନଥିଲେ ଯେ ସେ କେଉଁ ବର୍ଗରେ ଲଢ଼ିବେ, ତଥାପି ଆମେ ତାଙ୍କ ଆପତ୍ତି ଶୁଣି ତାଙ୍କୁ ୫୩ କେଜି ବର୍ଗରେ ସୁଯୋଗ ଦେଇଛୁ। ଟ୍ରାୟଲ୍ସ ବେଳେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଷ୍ଟାଡିୟମ ପରିସରରେ ମହିଳା ସିଆରପିଏଫ୍ ଏବଂ ଆରଏଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ୫୩ କେଜି ବର୍ଗରେ ଅନୁମତି ମିଳିବା ପରେ ଏବେ ଟ୍ରାୟଲ ମ୍ୟାଚ୍‌ଗୁଡ଼ିକ ବେଶ୍ ରୋମାଞ୍ଚକର ହେବାକୁ ଯାଉଛି। ବିନେଶ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ସମେତ ତାଙ୍କର ଗତ କିଛି ଇଭେଣ୍ଟ ୫୦ କେଜି ବର୍ଗରେ ଖେଳିଥିଲେ। କିନ୍ତୁ ଏବେ ବର୍ଗ ବଦଳିବା ପରେ ମ୍ୟାଚ୍‌ରେ ତାଙ୍କର ସାମ୍ନା ଅଭିଜ୍ଞ ପହିଲବାନ୍ ଅନ୍ତିମ ପଙ୍ଘାଲ ଏବଂ ଉଦୀୟମାନ ଖେଳାଳି ମୀନାକ୍ଷୀ ଗୋୟତଙ୍କ ସହ ହେବାର ସମ୍ଭାବନା ରହିଛି।

# ଅଧିନାୟକ ପଦ ଛାଡିଲେ ପନ୍ତ

ନୂଆଦିଲ୍ଲୀ,୩୦।୫: ଆଇପିଏଲ ୨୦୨୬ରେ ବିପର୍ଯ୍ୟୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଅଧିନାୟକ ପଦ ଛାଡି ଦେଇଛନ୍ତି ଋଷଭ ପନ୍ତ। ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ଭାବେ ଲକ୍ଷ୍ନୌରେ ସାମିଲ ହୋଇଥିବା ପନ୍ତ ଅଧିନାୟକ ପଦ ଛାଡିଥିବା ଫ୍ରାଞ୍ଚାଇଜ ପକ୍ଷରୁ ସମସ୍ତଙ୍କୁ ଅବଗତ କରାଯାଇଛି।



ଲକ୍ଷ୍ନୌ ଚଳିତ ଆଇପିଏଲରେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ରହିଥିଲା। ଏଥିପାଇଁ ପନ୍ତ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିଲେ। ଆଇପିଏଲରେ ନିଜର ଅଭିଯାନ ଶେଷ କରିବା ପରେ ପନ୍ତ କ୍ୟାପ୍ଟେନ୍ସି ପଦ ଛାଡିବାକୁ ଚାହୁଁଥିବା ଫ୍ରାଞ୍ଚାଇଜ ନିକଟରେ ଅନୁରୋଧ କରିଥିଲେ। ଏହାକୁ ଫ୍ରାଞ୍ଚାଇଜ ଗ୍ରହଣ କରି ତାଙ୍କୁ ଅଧିନାୟକ ପଦରୁ ରିଲି କରି ଦେଇଛି। ଏ ସମ୍ପର୍କରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର କ୍ରିକେଟ ଡିରେକ୍ଟର ଟମ ମୁଡି ପ୍ରେସ ରିଲିଜ ଦ୍ୱାରା ସମସ୍ତଙ୍କୁ କହିଛନ୍ତି।

୨୦୨୫ ଆଇପିଏଲ ପୂର୍ବରୁ ହୋଇଥିବା ମେଗା ଅକ୍ସନ ବେଳେ ଲକ୍ଷ୍ନୌ ତାଙ୍କୁ ୨୭ କୋଟି ଟଙ୍କା ଦେଇ କଣିଥିଲା। ସେ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ହୋଇଥିଲେ। ଦୁଇଟି ସଂସ୍କରଣରେ ସେ ଲକ୍ଷ୍ନୌର ନେତୃତ୍ୱ ନେଇଥିଲେ ହେଁ ଆଦୌ ପ୍ରଭାବିତ କରି ପାରି ନାହାନ୍ତି। କୌଣସି ସଂସ୍କରଣରେ ଲକ୍ଷ୍ନୌ ପ୍ଲେ ଅଫକୁ ଯାଇ ପାରି ନାହିଁ।

୨୦୨୬ରେ ଲକ୍ଷ୍ନୌ କେବଳ ୧୪ଟି ଲିଗରୁ ୪ଟି ମ୍ୟାଚ୍ ଜିତି ପାରିଛି। ୨୦୨୫ରେ ପନ୍ତଙ୍କ ଲକ୍ଷ୍ନୌ ୬ଟି ମ୍ୟାଚ ଜିତିଥିଲା। ଅର୍ଥାତ ଆଇପିଏଲରେ ଲକ୍ଷ୍ନୌ ପନ୍ତଙ୍କ ନେତୃତ୍ୱରେ ୨୮ଟି ମ୍ୟାଚ୍ ଖେଳିଥିଲେ ହେଁ କେବଳ ୧୦ଟି ବିଜୟ ହାସଲ କରିପାରିଛି।

ଅଧିନାୟକ ସମୟରେ ପନ୍ତଙ୍କ ବ୍ୟାଟିଂ ସ୍ତର ମଧ୍ୟ ଦୁର୍ବଳ ହୋଇଛି। ୨୦୨୫ରେ ସେ ୧୪ଟି ମ୍ୟାଚ୍‌ରେ କେବଳ ୨୬୯ ରନ କରିପାରିଥିଲେ। ୨୦୨୬ରେ ସେ ୩୧୨ ରନ କରି ପାରିଛନ୍ତି। ଲକ୍ଷ୍ନୌର ସାମିଲ ହେବା ପୂର୍ବରୁ ୨୦୨୪ରେ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଦମଦାର ପ୍ରଦର୍ଶନ କରିଥିଲେ। ୧୩ଟି ମ୍ୟାଚ୍‌ରେ ତାଙ୍କ ବ୍ୟାଟରୁ ବାହାରିଥିଲା ୪୪୬ ରନ। କିନ୍ତୁ ଲକ୍ଷ୍ନୌରେ ସାମିଲ ହେବା ପରେ ତାଙ୍କ ବ୍ୟାଟିଂ ନିମ୍ନଗାମୀ ହୋଇଥିଲା। ସେ ଲକ୍ଷ୍ନୌ ପାଇଁ ୨୮ଟି ମ୍ୟାଚ୍ ଖେଳି ମୋଟ ୫୮୧ ନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୨୬.୪ ରହିଥିବା ବେଳେ ଷ୍ଟ୍ରାଇକ ରେଟ ରହିଛି ୧୩୫.୭୪। ଦୁଇଟି ସିଜନରେ ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ହାରିଗଲେ ସିନ୍ଧୁ, ସେମିରେସାତ୍ୱିକ-ଚିରାଗ

ସିଙ୍ଗାପୁର, ୩୦।୫: ସ୍ଥିର ପ୍ରଦର୍ଶନ ଅଭାବରୁ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ବିଶ୍ୱର ନମ୍ବର ୱାନ ଖେଳାଳି ଆନ୍ ସିଂ ୟଙ୍ଗ ତାଙ୍କୁ ୨୧-୧୭, ୨୧-୧୪ରେ ହରାଇ ଦେଇଛନ୍ତି।ଅନ୍ୟପକ୍ଷେ ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରମୁଖ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ତଥା ଚତୁର୍ଥ ସିଡ୍ ଏହି ଭାରତୀୟ ଯୋଡ଼ି କ୍ୱାର୍ଟରଫାଇନାଲରେ ମାଲେସିଆର ଖାଇ କିଙ୍ଗ୍ କାଙ୍ଗ୍ ଓ ଆରୋନ ତାଇଙ୍କୁ ୧୯-୨୧, ୨୧-୧୭, ୨୧-୧୩ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୧ ଘଣ୍ଟା ୫ ମିନିଟ ଧରି ଚାଲିଥିଲା।

## ସୂର୍ଯ୍ୟବଂଶୀଙ୍କ ପ୍ରଶଂସାରେ ଶତମୁଖ ବିଗ ବି’

ନୂଆଦିଲ୍ଲୀ,୩୦।୫: ଆଇପିଏଲର କ୍ୱାଲିଫାୟର୍- ୨ରେ ଶୁକ୍ରବାର ରାଜସ୍ଥାନ ରୟାଲ୍ସ (ଜଜ) ଗୁଜରାଟ ଟାଇଟନ୍ସ (ଏଞ୍ଜ) ହାତରୁ ପରାଜୟର ସମ୍ମୁଖୀନ ହୋଇଛି। ଏହି ପରାଜୟ ସହ ଦଳ ଟୁର୍ନାମେଣ୍ଟରୁ ବାହାରି ଯାଇଛି, କିନ୍ତୁ ଏହି ମ୍ୟାଚରେ ୧୫ ବର୍ଷର ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ତେବେ ମ୍ୟାଚ ହାରିବା ପରେ ବୈଭବ ଭାବୁକ ହୋଇଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଉପରେ ବଲିଉଡର ମହାନାୟକ ଅମିତାଭ ବଚ୍‌ଚନ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିଗ ବି’ ଟୁଇଟ କରି କହିଛନ୍ତି, ୧୫ ବର୍ଷ ବୟସରେ ଅଦ୍ଭୁତ ସୂର୍ଯ୍ୟା। ଏହି ବୟସରେ, ଆମେ ବଣ୍ଟୋ ଏବଂ ଗୁଲିଡଣ୍ଡା ମଧ୍ୟ ଠିକ ଭାବରେ ଖେଳିପାରିନ ଥିଲୁ। ବିଗ ବି’ଙ୍କ ଏହି ଟୁଇଟ୍ ପ୍ରଶଂସକଙ୍କ ମନ ଜିଣି ନେଇଛି। ଜଣେ ପ୍ରଶଂସକ କମେଣ୍ଟ କରି ଲେଖିଛନ୍ତି, ’ଆଇପିଏଲର ଫ୍ୟାନ ହେବା କିମ୍ବା ନହେବା ଅଲଗା କଥା, କିନ୍ତୁ ଦୁଃଖର କଥା ହେଉଛି ଆମେ ବର୍ତ୍ତମାନ ବୈଭବ ସୂର୍ଯ୍ୟବଂଶୀଙ୍କ ଆଉ ଏକ ପାଳି ଦେଖିବାକୁ ପାଇବୁ ନାହିଁ।’ ସେହିପରି ଅନ୍ୟ ଜଣେ ଲେଖିଛନ୍ତି, ‘ଗୁଲିଡଣ୍ଡା ହେଉଛି କ୍ରିକେଟର ଜନନୀ। ବୈଭବ ସୂର୍ଯ୍ୟବଂଶୀ ଭବିଷ୍ୟତର ହିରୋ। ତାଙ୍କ ସଫଳତା ପଛରେ ତାଙ୍କ ପିତାଙ୍କ ସଂଘର୍ଷ ରହିଛି, ଯାହାକୁ ସଲାମ କରିବା ଉଚିତ୍।

## ମିଛ ବାହାନା କରୁଛନ୍ତି ବିଦେଶୀ ଖେଳାଳି ?

ନୂଆଦିଲ୍ଲୀ: ନିଲାମ ବେଳେ କୋଟି କୋଟି ଟଙ୍କାରେ କିଣାହୋଇଥିବା ବିଦେଶୀ ଖେଳାଳିମାନେ ଆଇପିଏଲ୍ ଖେଳିବାରେ ସେତେଟା ନିଷ୍ଠା ରଖୁନାହାନ୍ତି କି ଆହତ ହେବାର ମିଛ ବାହାନା କରି ପ୍ରତିଯୋଗିତାରୁ ଓହରିଯାଉଛନ୍ତି କି ଆଇପିଏଲ୍‌ର ଚଳିତ ଋତୁ ଶେଷ ହୋଇଆସୁଥିବାବେଳେ ଏସବୁ ପ୍ରଶ୍ନ ଉଠାଇଛନ୍ତି ବିଭିନ୍ନ ଫ୍ରାଞ୍ଚାଇଜିର ବରିଷ୍ଠ ଅଧିକାରୀ।



ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ତଥା ନିର୍ଦ୍ଦେଶକ କୁମାର ସଂଗାକାରା କହିଛନ୍ତି, ‘‘ଖେଳାଳିଙ୍କ ଉପଲବ୍ଧତା ନେଇ ବିସିସିଆଇ ନିଜ ନିୟମକୁ କଡ଼ାକଡ଼ି କରୁ। ଅବଶ୍ୟ ଆମେ ବୁଝିପାରୁଛୁ ଯେ ସବୁ ଖେଳାଳି ଆହତ, ଗୁରୁତର ଆହତ କିମ୍ବା ଗୋଟିଏ ଋତୁରେ ଆଉ ଖେଳିନପାରିବା ଭଳି ଆହତାବସ୍ଥାର ସମସ୍ୟାର ସମ୍ମୁଖୀନ ହୁଅନ୍ତି’’। ଗୁରୁତ୍ୱପୂର୍ଣ୍ଣ ସମୟରେ ଇଂଲଣ୍ଡ ଖେଳାଳି ସାମ୍ କୁରାନ୍‌ଙ୍କ ଅନୁପସ୍ଥିତିକୁ ନେଇ ସେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ଆମକୁ କୁହାଯାଇଥିଲା ଯେ ସେ ଆହତ ହୋଇଛନ୍ତି ଓ ଆଇପିଏଲ୍‌ର ଚଳିତ ଋତୁରେ ଖେଳିପାରିବେ ନାହିଁ। କିନ୍ତୁ ଇଂଲଣ୍ଡରେ ସେ ‘ସରେ’ ଦଳ ପାଇଁ ଦୁଇତିନୋଟି ମ୍ୟାଚ୍ ଖେଳୁଥିବା ଦେଖାଯାଇଛି। ସେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଥିଲେ ଭଲ ହୋଇଥାନ୍ତା।

ସେହିପରି ପଞ୍ଜାବ କିଙ୍ଗ୍ସର ମାଲିକ ରୋହିତ ବର୍ମନ୍ କହିଛନ୍ତି ଯେ ବିସିସିଆଇ ଓ ବିଦେଶୀ ବୋର୍ଡମାନଙ୍କ ମଧ୍ୟରେ ସମନ୍ୱୟ ରହି ଖେଳାଳିଙ୍କ ଉପଲବ୍ଧତା କ୍ଷେତ୍ରରେ ଉନ୍ନତି ଆସୁ, ଯେପରି ଦଳଗୁଡ଼ିକର ଭାରସାମ୍ୟ ବିଗିଡ଼ିନଯିବ।ଚଳିତ ଋତୁରେ ବିଦେଶୀ ଖେଳାଳିଙ୍କ ଆହତାବସ୍ଥା ଏକ ବଡ଼ ସମସ୍ୟାଭାବେ ଦେଖାଦେଇଥିଲା। ଅଷ୍ଟ୍ରେଲୀୟ ଖେଳାଳି ମିଚେଲ୍ ଷ୍ଟାର୍କ ଓ ପାଟ୍ କମିନ୍ସ ଆଇପିଏଲ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ନିଜ ନିଜ ଫ୍ରାଞ୍ଚାଇଜି ସହିତ ଯୋଗ ଦେଇଥିଲେ। ସେହିପରି ଦକ୍ଷିଣ ଆଫ୍ରିକା ଖେଳାଳି କ୍ୱିଣ୍ଟନ୍ ଡି’କକ୍ ଭଲ ଲୟରେ ଥିଲେ ବି ଆହତ ଯୋଗୁଁ ଅଧାରୁ ଫେରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ